

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୫ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 15 FEBRUARY 2023
Vol.No. 34 ■ No. 44 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିବିସିର ଦିଲ୍ଲୀ ଓ ମୁମ୍ବାଇ କାର୍ଯ୍ୟାଳୟ ଉପରେ ଆୟକର ବିଭାଗର ଚଢ଼ାଉ

## ବିଜେପି-କଂଗ୍ରେସ ମୁହାଁମୁହିଁ



ନୂଆଦିଲ୍ଲୀ,୧୪/୦୨ : ମଙ୍ଗଳବାର ସକାଳ ସମୟ । ହଠାତ ଦିଲ୍ଲୀରେ ଥିବା ବିବିସି କାର୍ଯ୍ୟାଳୟ ଉପରେ ଆୟକର ବିଭାଗ କରେ ଚଢ଼ାଉ । କେହି କିଛି ବୁଝିବା ଆଗରୁ ଏଠାରେ ବିବିସିର କର୍ମୀଙ୍କ ଫୋନକୁ ଜବତ କରାଯିବା ସହ ଘରକୁ ଫେରିଯିବାକୁ କୁହାଯାଏ । ଠିକ କିଛି ସମୟ ପରେ ଖବର ଆସେ ମୁମ୍ବାଇ କାର୍ଯ୍ୟାଳୟ ଉପରେ ମଧ ଆଇଟି ଚଢ଼ାଉ ହୋଇଛି । ପୂରା କାର୍ଯ୍ୟାଳୟକୁ ସିଲ କରାଯାଇଥିବା ସୂଚନା ରହିଛି । କଣ ପାଇଁ ଏହି ଚଢାଉ କରାଯାଇଛି କେହି କିଛି ବୁଝିବା ଆଗରୁ ଆୟକର ବିଭାଗ ଏହାକୁ ନେଇ ତୁରନ୍ତ ପ୍ରତିକ୍ରିୟା ରଖିଛି । ବେନିୟମ ଅର୍ଥକାରବାର ଓ ଟିକସ ଫାଙ୍କିବା ଅଭିଯୋଗ ଆଧାରରେ ଚଢ଼ାଉ ହୋଇଥିବା ଆଇଟି ପକ୍ଷରୁ କୁହାଯାଇଛି । ସେପଟେ ଘଟଣା ଉପରେ ପ୍ରତିକ୍ରିୟା ରଖିଛି କଂଗ୍ରେସ । ଘଟଣାକୁ ବିବିସି ଡକ୍ୟୁମେଂଟାରୀ ସହ ଯୋଡିଛି କଂଗ୍ରେସ । ଦଳ କହିଛି ପ୍ରଥମେ ଡକ୍ୟୁମେଂଟାରୀ ରିଲିଜ, ପରେ ବ୍ୟାନ ଆଉ ଏବେ ଚଢାଉକୁ ଏକ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ଅଟେ । ଯିଏ ମୋଦି ସରକାରଙ୍କ ବିରୋଧରେ ଆସେ ତାହା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ବୋଲ କଂଗ୍ରେସ କହିଛି । ଘଟଣାକୁ ନେଇ ବିଜେପି ମଧ ନିଜ ପକ୍ଷ ରଖିଛି । ବିବିସି ବା ବ୍ରିଟିଶ ବ୍ରଡକାଷ୍ଟିଂ କରପରେସନକୁ ଭ୍ରଷ୍ଟ ବକଓ୍ୱାସ କରପସନର ନାଁ ଦେଇଛି ବିଜେପି । ନିୟମ ଓ ସମ୍ବିଧାନ ଆଧାରରେ ଚଢାଉ କରିଛି ଆଇଟି । ଏହାକୁ ନେଇ ଅଯଥାରେ କଂଗ୍ରେସ ବିବଦା ସୃଷ୍ଟି କରୁଥିବା କହିଛନ୍ତି ବିଜେପି ମୁଖପାତ୍ର ଗୌରଭ ଭାଟିଆ । ବିବିସିର ପ୍ରୋପାଗେଣ୍ଡା ଓ କଂଗ୍ରେସର ଏଜେଣ୍ଡା ମେଳ ଖାଉଥିବା କହିଛି ବିଜେପି । କିଛି ଦିନ ପୂର୍ବରୁ ବିବିସି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରିଥିଲା । ଯେଉଁଥିରେ ଗୁଜରାଟ ଦଙ୍ଗାକୁ ସ୍ଥାନ ଦିଆଯାଇଥିଲା । ଏଥିସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଛବିକୁ ଖରାପ କରିବା ଭଳି କିଛି କଥାକୁ ରଖାଯାଇଥିଲା । ବିଜେପି ଏହାକୁ ମୋଦି ସରକାରଙ୍କ ବିରୋଧରେ ପ୍ରୋପାଗଣ୍ଡା କହି ଏହାର ପ୍ରସାରଣ ଉପରେ କଟକଣା ଲଗାଇଥିଲେ । ଏନେଇ ସୁପ୍ରିମକୋଟଙ୍କ ଦ୍ୱାରସ୍ଥ ହୋଇଥିଲେ କେନ୍ଦ୍ର ସରକାର । ତେବେ କୋର୍ଟ ଆବେଦନକୁ ଖାରଜ କରିଛନ୍ତି ।

## ଆଦାନୀ ମାମଲାରେ ଅମିତ ଶାହାଙ୍କ ଜବାବ୍
# ବିଜେପି ନିକଟରେ ଲୁଚାଇବାକୁ କିଛି ନାହିଁ



ନୂଆଦିଲ୍ଲୀ,୧୪/୦୨ : ଗୌତମ ଆଦାନୀ ଓ ହିଣ୍ଡେନବର୍ଗ । ଏହି ଦୁଇଟି ନାଁ ଜାନୁଆରୀ ୨୪ ତାରିଖରୁ ବେଶ ଚର୍ଚ୍ଚାରେ ରହିଛନ୍ତି । ଆଦାନୀଙ୍କ ନାଁରେ ହିଣ୍ଡେନବର୍ଗ ଯେଉଁ ଦୁର୍ନୀତି, ଅର୍ଥହେରଫେର ଅଭିଯୋଗ ଆଣିଥିଲା ତାକୁ ମୋଦି ସରକାରଙ୍କ ସହ ସିଧାସଳଖ ଯୋଡୁଛନ୍ତି ବିରୋଧୀ । ତେବେ ଘଟଣାର ୨୦ଦିନ ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଅମିତ ଶାହା । ନ୍ୟୁଜ ଏଜେନ୍ସି ଏଏନଆଇକୁ ସାକ୍ଷାତକାର ଦେଇ ଶାହା କହିଛନ୍ତି ଆଦାନୀ ମାମଲାରେ ସରକାର କିମ୍ବା ବିଜେପି ନିକଟରେ ଲୁଚାଇବା ପାଇଁ କିଛି ନାହିଁ । ତେଣୁ ଦଳ ଭୟ ମଧ କରୁନି । ସରକାରଙ୍କ ଆଦାନୀ ମାମଲାରେ କୌଣସି ସମ୍ପୃକ୍ତି ନାହିଁ । ବିରୋଧୀ ହଙ୍ଗାମା କରୁଛନ୍ତି । ଯଦି ପ୍ରମାଣ ଅଛି ତେବେ କୋର୍ଟକୁ ଯାଆନ୍ତୁ । ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରଧୀନ ରହିଛି । ତେଣୁ ଏହା ଉପରେ ମନ୍ତବ୍ୟ ଦେବା ଉଚିତ ନୁହେଁ । ସାକ୍ଷାତାକାର ଦେଇ ଆଦାନୀ ମାମଲାରେ ଗୃହମନ୍ତ୍ରୀ ନିଜ ବୟାନ ରଖିସାରିଛନ୍ତି । ସେପଟେ ବିରୋଧୀ ଗୋଟିଏ କଥାରେ ଅଡି ବସିଛନ୍ତି । ସରକାର ସଂସଦରେ ଆଦାନୀ ମାମଲାରେ ଜବାବ ଦିଅନ୍ତୁ ବୋଲି ବିରୋଧୀ ଦାବି କରି ସଂସଦର ଉଭୟ ଗୃହରେ ହଟଗୋଳ କରିଥିଲେ । କଂଗ୍ରେସ କହିଛି ଆଦାନୀ ପ୍ରସଙ୍ଗ ଉଠାଇବା ଉଦ୍ଦେଶ୍ୟ କେବଳ ମୋଦି ସରକାରଙ୍କ ମୁଖା ଖୋଲିବା ନୁହେଁ ବଂର ଦେଶର ୩କୋଟି ନିବେଶକଙ୍କ ଅର୍ଥକୁ ସୁରକ୍ଷା ଦେବ । ସାରା ଦେଶରେ ପ୍ରତିବାଦକୁ ଜୋରଦାର କରିବାକୁ ପ୍ରସ୍ତୁତି କରୁଛି କଂଗ୍ରେସ । ଜାନୁଆରୀ ୨୪ ତାରିଖ । ପୂରା ଦେଶରେ ସେତେବେଳେ ଚହଳ ପଡିଥିଲା ଯେତେବେଳେ ଆମେରିକା ରିସର୍ଚ୍ଚ ସଂସ୍ଥା ହିଣ୍ଡେନବର୍ଗ ଭାରତର ସବୁଠୁ ଧନୀ ବ୍ୟକ୍ତି ତଥା ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କୁ ନେଇ ଚାଂଚଲ୍ୟକର ରିପୋର୍ଟ ଦେଇଥିଲା । ବାସ ଏହିଠାରୁ ହିଁ ବିରୋଧୀଙ୍କୁ ମିଳିଯାଇଥିଲା ମୋଦି ସରକାରଙ୍କ ବିରୋଧରେ ନୂଆ ଅସ୍ତ୍ର ।

## ଚୌଦ୍ୱାର ଜେଲରେ ଗୋପାଳ ଦାସ



ଭୁବନେଶ୍ୱର,୧୪/୦୨ (ନି.ପ୍ର): ନବ ଦାସ ହତ୍ୟା ଘଟଣାର ଅଭିଯୁକ୍ତ ଗୋପାଳ ଦାସକୁ ଚୌଦ୍ୱାର ଜେଲ୍ ସ୍ଥାନାନ୍ତର କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଗୋପାଳକୁ କଡା ସୁରକ୍ଷା ମଧ୍ୟରେ ଝାରସୁଗୁଡା ଜେଲ୍ ରୁ ଚୌଦ୍ୱାରର ସର୍କଲ ଜେଲ୍ କୁ ଅଣାଯାଇଥିଲା । ବ୍ରଜରାଜନଗର ଗାନ୍ଧିଛକ ଫାଣ୍ଡିରେ ଏଏସ୍ଆଇ ଭାବେ ମୁତୟନ ଥିବା ଅଭିଯୁକ୍ତ ଗୋପାଳକୁ ଚୌଦ୍ୱାର ଜେଲ୍ ର ୩ନମ୍ବର ସେଲ୍ ରେ ରଖାଯିବ । ଏଥି ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି । ଚୌଦ୍ୱାର ଜେଲ୍ ରେ ସ୍ୱତନ୍ତ୍ର ସିସିଟିଭି ସର୍ଭିଲାନ୍ସରେ ରଖାଯିବା ନେଇ ସୂଚନା ମିଳିଛି । ଏସମ୍ପର୍କରେ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି ଯେ ଚୌଦ୍ୱାର ଜେଲର ହାଇସିକ୍ୟୁରିଟି ସେଲରେ ରହିବ ଗୋପାଳ । ୨୪ ଘଂଟିଆ ମନିଟରିଂ ସହ ଏକ ସ୍ୱତନ୍ତ୍ର ଟିମ୍ ସୁରକ୍ଷା ବ୍ୟବସ୍ଥା ଯାଂଚ କରିବେ । ସୁରକ୍ଷା ଦୃଷ୍ଟିରୁ ଝାରସୁଗୁଡ଼ା ଏସଡିଜେଏମ୍ କୋର୍ଟଙ୍କ ଅନୁମତି ପରେ ଗୋପାଳକୁ ସ୍ଥାନାନ୍ତର କରାଯାଇଛି । ଗୋପାଳକୁ ଏକ ସ୍ୱତନ୍ତ୍ର ଟିମ୍ ନେଇ ଚୌଦ୍ୱାର ଆସିଛନ୍ତି ।

## ସ୍ତ୍ରୀର ଶବ କାନ୍ଧରେ ବୋହିବା ଘଟଣା : ମୁଖ୍ୟ ସଚିବଙ୍କୁ ଏନଏଚଆରସିଙ୍କ ନୋଟିସ୍

ଭୁବନେଶ୍ୱର,୧୪/୦୨ (ନି.ପ୍ର): ପତ୍ନୀର ଶବକୁ କାନ୍ଧରେ ବୋହିବା ଘଟଣାରେ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନ ନୋଟିସ ଜାରି କରିଛନ୍ତି । ଏଥିସହ ଦାଦନ ନିର୍ଯାତନା ଘଟଣାରେ ମଧ୍ୟ ନୋଟିସ୍ ଜାରି କରାଯାଇଛି । ଏହି ମାମଲାରେ ▶▶ପୃଷ୍ଠା ୭

## ବିଜେଡିର ଚାଉଳ ବନାମ ବିଜେପିର ଆଇନଶୃଙ୍ଖଳା: ରାସ୍ତାକୁ ଓହ୍ଲାଇଲେ ଦୁଇ ଦଳ



ଭୁବନେଶ୍ୱର,୧୪/୦୨ (ନି.ପ୍ର): ହୋହଲ୍ଲା, ପ୍ରତିବାଦ ଓ ନାରାବାଜିରେ କମ୍ପିଛି ରାଜଧାନୀ ଭୁବନେଶ୍ୱର । ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ରାଜରାସ୍ତାରେ ସାମ୍ନାସାମ୍ନି ହୋଇ ପ୍ରତିବାଦ କରିଛନ୍ତି । କେନ୍ଦ୍ର ବିରୋଧରେ ପୁଣି ଗର୍ଜିଛି ବିଜେଡି । କେନ୍ଦ୍ର ଚାଉଳ କାଟିବା ପ୍ରସଙ୍ଗରେ ରାଜରାସ୍ତା ଓହ୍ଲାଇ ପ୍ରତିବାଦ କରିଛି ଦଳ । ରାଜଭବନ ସମ୍ମୁଖରେ ଧାରଣା ଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦଳର ନେତାମାନେ ସ୍ମାରକପତ୍ର ଦେଇଛନ୍ତି । ରାଜ୍ୟେରେ ଆଇନଶୃଙ୍ଖଳା ଓ ନବଦାସ ହତ୍ୟାକୁ ନେଇ ରାଜଧାନୀରେ ହରତାଳ କରିଛି ମୁଖ୍ୟ ବିରୋଧୀ ଦଳ ବିଜେପି । ଏଜି ଛକ ସମେତ ରାଜଧାନୀର ୫ଟି ପ୍ରମୁଖ ଛକରେ ପ୍ରତିବାଦ କରିଛନ୍ତି ଦଳର ଛାମୁଆ ସଙ୍ଗଠନ । ଆଉ ପୁଲିସ ସହ ବିଜେପି କର୍ମୀଙ୍କ ଧସ୍ତାଧସ୍ତି ଦେଖିବାକୁ ମିଳିଛି । ଏପରିକି କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ପ୍ରତିବାଦ କରୁଥିବାବେଳେ ପୁଲିସ ତାଙ୍କୁ ଟେକି ଟେକି ନେଇଛି । ବିଜେଡିର ଦାବି ହେଲା, ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନାରେ ୫ କେଜି ଚାଉଳକୁ କାହିଁକି କାଟିଲା କେନ୍ଦ୍ର ? ଧାନ କ୍ରୟ କ୍ଷେତ୍ରରେ ୨୦ ହାଜର କୋଟିର ବଜେଟ କମ କରିଦିଆଯାଇଛି । ଉଷୁନା ଚାଉଳକୁ କେନ୍ଦ୍ର ସରକାର ଉଠାଉନାହାନ୍ତି । ସେହିଭଳି ବିଜେପିର ଦାବି ହେଲା - ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ନବ ଦାସଙ୍କ ହତ୍ୟା ମାମଲାରେ ନୂଆ କାହାଣୀ ଶୁଣାଉଛି କ୍ରାଇମବ୍ରାଂଚ । ଏନସିଆରବି ରିପୋର୍ଟ ଅନୁସାରେ, ଓଡିଶାରେ ଅପରାଧ ବଢୁଛି । ଶାସକ ଦଳର ଅଧିକାଂଶ ନେତା ଅପରାଧରେ ସଂପୃକ୍ତ ଅଛନ୍ତି । ରାଜଭବନ ସମ୍ମୁଖରେ ବିଜେଡି ବଡ ନେତାଙ୍କ ପ୍ରତିବାଦବେଳେ ଗୋଟିଏ ଦୃଶ୍ୟକୁ ନେଇ ବେଶ ଚର୍ଚ୍ଚା ସୃଷ୍ଟି ହୋଇଛି । କିଛିଦିନ ଧରି ଦଳୀୟ ବ୍ୟାପରରୁ ଦୂରେଇ ରହିଥିବା ଓ ଅସନ୍ତୋଷ ଝାଡୁଥିବା ପୂର୍ବତନ ମନ୍ତ୍ରୀ ସଂଜୟ ଦାସ ବର୍ମାଙ୍କୁ କିନ୍ତୁ ଆଗଧାଡିରେ ଦେଖିବାକୁ ମିଳିଥିଲା । ବଡ ନେତାଙ୍କ ସହ ସେ ପ୍ରତିବାଦର ନେତୃତ୍ୱ ନେଇଥିଲେ ଓ ରାଜଭବନକୁ ଯିବା ପରେ ଗଣମାଧମର ସାମ୍ନା ବି କରିଥିଲେ ।

## ନ୍ୟୁଜିଲ୍ୟାଣ୍ଡରେ ସାମୁଦ୍ରିକ ଝଡ଼ ଗ୍ରାବିଏଲର ଭୟ

ଭୁବନେଶ୍ୱର,୧୪/୦୨ (ନି.ପ୍ର): ଭୁସ୍ଖଳନ ଓ ବନ୍ୟା ଭିତରେ ଏବେ ନ୍ୟୁଜିଲ୍ୟାଣ୍ଡରେ କାଳ ସାଜିଛି ସାମୁଦ୍ରିକ ଝଡ । ସ୍ଥିତିକୁ ଦୃଷ୍ଟିରେ ରଖି ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟରେ ବହୁ ଧନଜୀବନ ହାନୀ ଆଶଙ୍କାରେ ଦେଶରେ ଏମରଜେନ୍ସି ଲାଗୁ କରିଛନ୍ତି ନ୍ୟୁଜିଲ୍ୟାଣ୍ଡ ସରକାର । ଏହା ସହ ଦେଶକୁ ବିମାନ ଚଳାଚଳ ମଧ ବନ୍ଦ କରାଯାଇଛି । ନର୍ଥଲ୍ୟାଣ୍ଡ, ଓକଲ୍ୟାଣ୍ଡ, ତାଇରାବିଟି, ବେ ଅଫ ଲିପ୍ଟି, ବାଇକୋଟ. ହକସରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଏହି ଘୂର୍ଣ୍ଣିଝଡ ପାଇଁ ଉତର ପୂର୍ବ ନ୍ୟୁଜିଲ୍ୟାଣ୍ଡରେ ସବୁଠୁ ଅଧିକ ପ୍ରଭାବ ପକାଇବା ଆଶଙ୍କା ରହିଛି । ବିଶେଷ କରି ସାମୁଦ୍ରିକ ଝଡ଼ ଯୋଗୁଁ ଦେଶର ଅଧିକାଂଶ ସ୍ଥାନରେ ଭୁସ୍ଖଳନ ଓ ବନ୍ୟାର ଆଶଙ୍କା ରହିଛି । ନ୍ୟୁଜିଲ୍ୟାଣ୍ଡ ଇତିହାସରେ ଏଭଳି ସାମୁଦ୍ରିକ ଝଡ଼ ୩ୟଥର ପାଇଁ ହେବାକୁ ଯାଉଛି ।

# ଅବଦୁର ରେହେମାନକୁ ସଶ୍ରମ କାରାଦଣ୍ଡ: ୭ ବର୍ଷ ୫ ମାସ ସଜା ଶୁଣାଇଲେ ଦିଲ୍ଲୀ କୋର୍ଟ



ନୂଆଦିଲ୍ଲୀ,୧୪/୦୨ : ଆତଙ୍କବାଦୀ ସଂଗଠନ ଅଲକାଇଦା ସହ ଜଡିତ ଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା, ଓଡିଶାର ଅବଦୁର ରେହେମାନକୁ ଦଣ୍ଡାଦେଶ ଦେଇଛନ୍ତି ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟ । ଆତଙ୍କବାଦୀ ଷଡଯନ୍ତ୍ରରେ ଲିପ୍ତ ଥିବା ଅଭିଯୋଗରେ ଅବଦୁରକୁ ୭ବର୍ଷ ୫ମାସ ସଶ୍ରମ କାରାଦଣ୍ଡାଦେଶ ସହ, ୨୫ ହଜାର ଟଙ୍କା ଜରିମାନା କରାଯାଇଛି । ଅନ-ଲ-ଫୁଲ ଆକ୍ଟିଭିଟିଜ୍ ପ୍ରିଭେନସନ ଆକ୍ଟର ଧାରା ୧୮ ଏବଂ ୧୮-ବିରେ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ । ଅବଦୁର ରେହେମାନ ସହ ଦେଶ ବିରୋଧୀ ଷଡଯନ୍ତ୍ରରେ ଲିପ୍ତ ଥିବା ଅନ୍ୟ ତିନି ଅଭିଯୁକ୍ତ, ମହମ୍ମଦ ଆସିଫ, ଜାଫର ମାସୁଦ ଓ ଅବଦୁଲ ସାମିଙ୍କୁ ମଧ କୋର୍ଟ ସମାନ ଦଣ୍ଡାଦେଶ ଦେଇଛନ୍ତି । ଅବଦୁର ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗ ପ୍ରମାଣିତ ହେବା ପରେ, କିଛି ଦିନ ତଳେ ଦିଲ୍ଲୀ ପଟିଆଲା ହାଉସ କୋର୍ଟ ତାକୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆଉ ଏବେ ଦଣ୍ଡାଦେଶ ଶୁଣାଇଛନ୍ତି । ୨୦୧୫ରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ଅବଦୁର ରେହେମାନକୁ କଟକ ଜଗତପୁର ଅଂଚଳରୁ ଗିରଫ କରିଥିଲା । ଏହି ଘଟଣା ସେତେବେଳେ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ଓଡିଶାରୁ କେହି ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ହେବା ପ୍ରଥମ ଘଟଣା ହୋଇଥିବାରୁ ଗଣମାଧମର ପ୍ରମୁଖ ଖବର ପାଲଟିଥିଲା । ଆଉ ସେବେଠାରୁ ▶▶ପୃଷ୍ଠା ୭

# ଆଇଏଏସ ସମ୍ମିଳନୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୪/୦୨ (ନି.ପ୍ର): "ଆମର ସମସ୍ତ ବିକାଶମୂଳକ ପ୍ରକଳ୍ପଗୁଡିକ ଖୁବ୍ କମ୍ ସମୟ ମଧରେ କାର୍ଯ୍ୟକାରୀ ହେଉ ଏବଂ ଆମର କଲ୍ୟାଣମୂଳକ ପଦକ୍ଷେପ ସମସ୍ତ ହିତାଧିକାରୀଙ୍କ ନିକଟରେ ପହଂଚୁ, ଏହା ମୁଁ ଦେଖିବାକୁ ଚାହେଁ । ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲାମାନଙ୍କ ମଧରେ ଏକ ପ୍ରତିଯୋଗିତା ହେବା ଉଚିତ ଏବଂ ଅନ୍ୟମାନଙ୍କ ପାଇଁ ମାନଦଣ୍ଡ ସ୍ଥିର କରିବା ଉଚିତ ।" ଦୁଇ ଦିନିଆ ଆଇଏଏସ ସମ୍ମିଳନୀକୁ ଆଜି ଏଠାରେ ଉଦଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ସେ ସମସ୍ତ ଆଇଏଏସ ଅଧିକାରୀ ମାନଙ୍କୁ ନୂତନ ସଶକ୍ତ ଓଡ଼ିଶା ଗଠନ ଦିଗରେ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରୂପାନ୍ତରଣ କ୍ଷେତ୍ରରେ ଓଡିଶା ଅନେକ ରାଜ୍ୟ ଠାରୁ ଆଗରେ ରହିଛି । କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟର ପରିବର୍ତ୍ତନ, ମହିଳା ସଶକ୍ତିକରଣ, ଦକ୍ଷତା ବିକାଶ, ଫସଲ ଉତ୍ପାଦନ, କୋଭିଡ୍ ପରିଚାଳନା ଆଦି କେତେକ କ୍ଷେତ୍ରର ବିଶେଷ ଉଲ୍ଲେଖର ଆବଶ୍ୟକତା ରହିଛି । ୫ଟି ଇନିସିଏଟିଭ୍ ଏବଂ 'ମୋ ସରକାର – ଦୁଇ ପଦକ୍ଷେପ କାରଣରୁ ଅଧିକରୁ ଅଧିକ ଲୋକ ମାନଙ୍କ ପାଖକୁ ପ୍ରଶାସନ ପହଂଚି ପାରୁଛି । ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନ ଅଧିକରୁ ଅଧିକ ଲୋକଙ୍କ ନିକଟକୁ ପହଂଚି ସେମାନଙ୍କର ସମସ୍ୟାକୁ ଜାଣିବା ଓ ଟେକ୍ନୋଲଜିର ବ୍ୟବହାର କରି ସରଳ ଓ ତ୍ୱରିତ ଭାବେ ତାଙ୍କ ସମସ୍ୟାର ସମାଧାନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ଓଡିଶା ବର୍ତ୍ତମାନ ଏକ ଖାଦ୍ୟ ବଳକା ରାଜ୍ୟ ହୋଇଛି । ରାଜ୍ୟ ବର୍ତମାନ ଜାତୀୟ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗଦାନ ଦେଉଛି । କୃଷି ଏବଂ ସହଯୋଗୀ କ୍ଷେତ୍ର ଗ୍ରାମାଂଚଳର ଲୋକଙ୍କୁ ସର୍ବାଧିକ ନିଯୁକ୍ତି ଯୋଗାଇଥାଏ । ତେଣୁ ଆମେ ଚାଷ ଯାନ୍ତ୍ରିକରଣ, ଫସଲ ବିବିଧକରଣ, ଉଦ୍ୟାନ କୃଷି ଏବଂ ଫୁଲ ଚାଷ , ଦୁଗ୍ଧ ଚାଷ ଏବଂ ମତ୍ସ୍ୟଚାଷ ଉପରେ ଅଧିକ ଧ୍ୟାନ ଦେବା ଉଚିତ । ଆମର 'ମିଲେଟ ମିଶନ' ବର୍ତ୍ତମାନ ପୁଷ୍ଟିକର ଉନ୍ନତି ପାଇଁ ଜାତୀୟ ସ୍ତରରେ ନିଆଯାଇଛି । ଗ୍ରାମାଂଚଳର ଅର୍ଥନୀତିକୁ ▶▶ପୃଷ୍ଠା ୭

# ସଦର ତହସିଲ ଆଗରେ ଚିଟ୍‌ଫଣ୍ଡ ଜମାକାରୀଙ୍କ ଗଣ ସତ୍ୟାଗ୍ରହ




ବାଲେଶ୍ୱର, ୧୪/୦୨ (ନି.ପ୍ର): ଚିଟଫଣ୍ଡ ଜମାଅର୍ଥ ଫେରସ୍ତ ଦାବିରେ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ବାଲେଶ୍ୱର ସଦର ତହସିଲ ସମ୍ମୁଖରେ ମଙ୍ଗଳବାର ଗଣସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । କ୍ଷତିଗ୍ରସ୍ତ ଜମାକାରୀ ଚିହ୍ନଟ ପାଇଁ ସରକାରଙ୍କ ଦ୍ୱାରା ବସିଥିବା ତଦନ୍ତ କମିଶନଙ୍କ ସୁପାରିଶ କ୍ରମେ ଅବିଳମ୍ବେ ପ୍ରତ୍ୟକ ତହସିଲ ଜରିଆରେ ଛୋଟ ବଡ଼ ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା, ଓଡିଶା ଜମାକାରୀ ସ୍ୱାର୍ଥ ରକ୍ଷା ଆଇନ-୨୦୧୧ ଭିତ୍ତିରେ ଅସାଧୁ ଅଥ ଲଗାଣକାରୀ ସଂସ୍ଥା ବିରୋଧରେ ମକଦମା ରୁଜୁ ସହ ତଦନ୍ତ ଆରମ୍ଭ କରିବା, ଜମାକାରୀଙ୍କ ଅର୍ଥରେ ପ୍ରତିଷ୍ଠା ହାଇଥିବା ବିଭିନ୍ନ ପ୍ରତିଷ୍ଠାନ ସମେତ ଅସାଧୁ ସଂସ୍ଥାର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିବା, ଜମାକାରୀଙ୍କୁ ସେମାନଙ୍କ ଜମାର ପରିପକ୍ୱ ରାଶି ସୁଧ ସହ ଫେରସ୍ତ କରିବା, ନିୟମିତ ବ୍ୟବଧାନରେ ଅସାଧୁ ସଂସ୍ଥାଙ୍କ ଜବତ ସମ୍ପତ୍ତି ବାବଦୀୟ ତଥ୍ୟ ପ୍ରକାଶିତ କରିବା, ଦେଶର ସର୍ବାଧିକ ଜମାକାରୀଙ୍କୁ ଚିତା କାଟି ଫେରସ୍ତ କରି ନଥିବା ସାହାରା ଗ୍ରୁପ ଅଧୀନସ୍ଥ ୪ଟି ସମବାୟ ସଂସ୍ଥା ବିରୋଧରେ ମାମଲା ରୁଜୁ କରିବା, ଜବତ ହୋଇଥିବା ଅସାଧୁ ସଂସ୍ଥାର ସମ୍ପତ୍ତିକୁ ତୁରନ୍ତ ନିଲାମ କରିବା ନେଇ ଜମାକାରୀମାନେ ଦାବି କରିଛନ୍ତି । ରାଜ୍ୟର ସମସ୍ତ ତହସିଲରେ ଏହିଭଳି ସତ୍ୟାଗ୍ରହ ଶେଷ ପରେ ଆସନ୍ତା ଏପ୍ରିଲ ମାସ ୧୧ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ଜମାକାରୀଙ୍କ ମହାସମାବେଶ ଅନୁଷ୍ଠିତ ହେବ ବୋଲି ସତ୍ୟାଗ୍ରହ ମଞ୍ଚର ଆବାହକ ଜୟନ୍ତ ଦାସ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଜମାକାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ସଦର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଆବାହକ ଶ୍ରୀ ଦାସଙ୍କ ସମେତ ସଂଯୋଜକ ତପନ କୁମାର ସିଟ, ଯତୀନ ପାତ୍ର, ସୁଧାଂଶୁ ସାହା, ହରିହର ଦାସ, ମୋହନ କିସ୍କୁ, ନୀଳମଣି ବେହେରା, ଗୀତା ବିଶ୍ୱାଳ, ଜ୍ୟୋସ୍ନାରାଣୀ ସିଟ, କୁଳମଣି ମଲିକ, ପ୍ରହ୍ଲାଦ ବର୍ମନ, ଦିବାକର ମଲିକ, ପ୍ରଭାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ : ୪୭୦୩ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ

ଚମ୍ପୁଆ, ୧୪/୦୨ (ନି.ପ୍ର): କେନ୍ଦୁଝରର ଗସ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନବନିର୍ମିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଲୋକାର୍ପଣ କରିଛନ୍ତି। ହଜାର ହଜାର ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ଆନନ୍ଦ ଉଲ୍ଲାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହା ଉଦ୍‌ଘାଟନ କରି ଯେତେବେଳେ ପଚାରିଲେ 'ଆପଣମାନେ ଖୁସିତ' ସେତେବେଳେ ବହୁଗୁଣିତ ଉତ୍ସାହର ସହ ପ୍ରତିଧ୍ୱନିତ ହୋଇଥିଲା 'ହଁ'। ତା'ପରେ ମୁଖ୍ୟମନ୍ତ୍ରୀ କହିଥିଲେ ମୁଁ ବି ବହୁତ ଖୁସି।

ଏହାପରେ ଧରଣୀଧର କଲେଜକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ର ମାନ୍ୟତା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱୟଂ ଏହି ମାନ୍ୟତା ପତ୍ର ପିଲାମାନଙ୍କୁ ଦେବାକୁ ଚାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ ପ୍ରକାଶ କରିବା ପରେ ଆନନ୍ଦ, ଉଲ୍ଲାସ ମଧ୍ୟରେ ଛାତ୍ର,ଛାତ୍ରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଶ୍ୱବିଦ୍ୟାଳୟ ମାନ୍ୟତାର ନିର୍ଦ୍ଦେଶନାମା ଦେଖାଇଥିଲେ।

କେନ୍ଦୁଝରରେ ମେଡିକାଲ କଲେଜ ସହ ଏକ କ୍ୟାନସର ଚିକିତ୍ସା କେନ୍ଦ୍ର ଓ ନର୍ସିଂ କଲେଜ ପାଇଁ ଭିତିଭୂମି ଦିଆଯାଇଛି ଏବଂ ଏହା ଖୁବଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ଡାକ୍ତର ଅଭାବ ଦୂର ହେବା ସହିତ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସୁବିଧା ମିଳିପାରିବ ଏବଂ ଜିଲ୍ଲାବାସୀ ଆଉ କଟକ-ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡିବ ନାହିଁ କ୍ଷ ସବୁ ଜୀବନ ମୋ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନୀତିରେ ରାଜ୍ୟର ସ୍ୱାସ୍ଥ୍ୟସେବାର ବିକାଶ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାରା ରାଜ୍ୟରେ ୮ ଲକ୍ଷ ୩୦ ହଜାର ୭୭୩ ଲୋକ ଉପକୃତ ହୋଇଥିବା ବେଳେ ଏଥିପାଇଁ ୧୮୨୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । କେବଳ କେନ୍ଦୁଝରରେ ୨୪ ହଜାର ଲୋକ ଉପକାର ପାଇଛନ୍ତି ଏବଂ ୪୭ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ, କେନ୍ଦୁଝର ସାଂସଦ ଶ୍ରୀମତୀ ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝର ବିଧାୟକ ଶ୍ରୀ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଘସିପୁରା ବିଧାୟକ ଶ୍ରୀ ବଦ୍ରି ନାରାୟଣ ପାତ୍ର, ଆନନ୍ଦ ପୁର ବିଧାୟକ ଶ୍ରୀ ଭାଗିରଥି ସେଠୀ, ଓ ତେଲକୋଇ ବିଧାୟକ ଶ୍ରୀ ପ୍ରେମାନନ୍ଦ ନାଏକ, କେନ୍ଦୁଝର ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀ ଜଗନ୍ନାଥ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ସାଗରୀକା ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ପାଇଁ ୪୭୦୩ କୋଟି ଟଙ୍କାର ୨୫୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୧୧୦୩ କୋଟି ଟଙ୍କାର ୧୩୮ଟି ପ୍ରକଳ୍ପ ପାଇଁ ଭିତିଭୂମି ଦିଆଯାଇଥିବା ବେଳେ, ୮୬୮ କୋଟି ଟଙ୍କାର ୯୮ଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା ଏବଂ ୨୭୩୧ କୋଟି ଟଙ୍କାର ୨୩ଟି ନୂଆ ପ୍ରକଳ୍ପ ପାଇଁ ଘୋଷଣା ରହିଛି। ଜିଲ୍ଲାରେ ୧୪,୩୭୨ ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ୧.୬୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୩୬୮ କୋଟି ଟଙ୍କାର ସୁଧବିହୀନ ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଛି । ବାଂଶପାଳର ବଣପୁଷ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କାର ଋଣ ଚେକ୍ ଆକାରରେ ପ୍ରଦାନ କରିଥିଲେ ଏବଂ ଘଷିପୁରାର ବିଜୟା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୫,୭୫୭ ଟଙ୍କାର ସୁଧ ରିହାତି ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତିର ମା ମାନେ ରାଜ୍ୟର ସୁନାମ ବୃଦ୍ଧି କରିଛନ୍ତି। ସେମାନଙ୍କୁ ଉଦ୍ୟୋଗୀ କରିବା ମୋର ଲକ୍ଷ୍ୟ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ଯେ ଏହି ଅର୍ଥରେ ସେମାନେ ଭଲ ବିଜିନେସ୍ କରି ନିଜର, ନିଜ ପରିବାରର ଓ ନିଜ ଅଂଚଳର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ, ମହିଳା ଓ ଯୁବସମାଜ ଆମ ରାଜ୍ୟର ତ୍ରିଶକ୍ତି । ଏମାନେ ହିଁ ଆମ ରାଜ୍ୟର ପ୍ରଗତୀର ସାରଥୀ ଏବଂ ଏକ ବିକଶିତ ଓଡିଶାର ସ୍ୱପ୍ନକୁ ପୂରଣ କରିବାରେ ଏହି ତ୍ରିଶକ୍ତି ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନୂଆ ମେଡିକାଲ କଲେଜର ଅଡିଟୋରିଅମରେ ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ।

# ଟିଆଁସିପଶିରେ ବ୍ଲକସ୍ତରୀୟ ପାଲାକାର ସଂଘର ସମ୍ମିଳନୀ ଅନୁଷ୍ଠିତ

ଚମ୍ପୁଆ, ୧୪/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ, ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ଟିଆଁସିପଶି ପାଲା ମଣ୍ଡପ ଠାରେ ଦୁଇଦିନ ଧରି ଶ୍ରୀ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାକାର ପରିଷଦ, ଚନ୍ଦ୍ରଶେଖର ମଣ୍ଡଳ, ଚମ୍ପୁଆ ବ୍ଲକସ୍ତରୀୟ ପାଲାକାର ସଂଘ ର ସମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ସଂଘର ସଭାପତି ଉପେନ୍ଦ୍ରନାଥ ନାୟକଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇ ଗାୟକ ସୁରଥ ଗିରି, ସୁରେଶ ଗିରି, ବୀଣାପାଣି ମହାରଣା ଓ ତାଙ୍କ ସାଥି କଳାକାର ପାଲା ପରିବେଷଣ କରିଥିଲେ। ଦ୍ୱିତୀୟ ଦିନ ଉଦଯାପନୀ ସଭାରେ ରଙ୍ଗାମାଟିଆ ପଂଚାୟତ ପୂର୍ବତନ ସରପଂଚ ରତିକାନ୍ତ ସିଂହଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇ ଥିବାବେଳେ ଚମ୍ପୁଆ ବ୍ଲକର ପୂର୍ବତନ ଅଧକ୍ଷ ସିଦ୍ଧାର୍ଥ କୁମାର ସିଂହ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥି ବକ୍ତା ଭାବେ ଜିଲ୍ଲା ପାଲାକାର ସଂଘ ସମ୍ପାଦକ ଲୋକନାଥ ସାହୁ, ପାଲା ଗାୟିକା ସୁଶୀଳା ସିଂହ, ଗାୟକ ସୁରଥ ଗିରି, ରାମଲୀଳା କଳାକାର କାଙ୍ଗାଳି ଚରଣ ମହାରଣା, ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ସରୋଜ ପ୍ରଧାନ, ଯଦୁମଣି ନାୟକ, ଦିବାକର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ତ୍ରିପାଠୀ ସଂସ୍କୃତି ସମ୍ପର୍ଣ୍ଣ କବି, କଳାକାର ପ୍ରତିଭା ଧାରୀଙ୍କ ମାଟି ଟିଆଁସିପଶିର ଐତିହ୍ୟ ସଂସ୍କୃତି ମହାନ ବୋଲି ମତ ବ୍ୟକ୍ତ କରି ପାଶ୍ଚାତ୍ୟ ସଂସ୍କୃତିକୁ ଛାଡି ନିଜ ସଂସ୍କୃତି ପରମ୍ପରା ବଂଚାଇ ରଖିବାକୁ ବକ୍ତବ୍ୟ ରଖିଥିଲେ କ୍ଷ ସନାତନ ଧର୍ମ, ସଂସ୍କୃତିକୁ ବର୍ତମାନ ସମୟରେ ପାଲା ଗାୟକ ମାନେ ହିଁ ବଂଚାଇରଖି ଆଗେଇ ନେଉଥିବାରୁ ତାଙ୍କୁ ଧନ୍ୟବାଦ ଦେଇଥିଲେ।

ସଭା ପରେ ଗାୟକ ଚନ୍ଦ୍ରଶେଖର ବାରିକ, ଈଶ୍ୱର ଚନ୍ଦ୍ର ବେହେରା, ନୀଳମଣି ଗିରି ଓ ଗାୟିକା ତରୁମଣୀ ଦାସ ଓ ତାଙ୍କ ସାଥି କଳାକାର ପାଲା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ନରେନ୍ଦ୍ର ମହାରଣା, ସୁଶୀଳା ସିଂହ, ରତିକାନ୍ତ ସିଂହ, ନାରାୟଣ ସିଂହଙ୍କ ସମେତ ଗ୍ରାମର ମହିଳା ସ୍ୱୟଂ ସାହାୟିକା ସଂଘର ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ପାଲା ଦେଖିବା ପାଇଁ ଦୂର ଦୁରାନ୍ତ ଅଂଚଳରୁ ଶତାଧିକ ପାଲା ପ୍ରେମୀ ଯୋଗ ଦେଇଥିଲେ।

# ଚକାପାଦ ଯୁଇଖୋଲ ଗାଁରୁ ଦୁଇ ଅନାଥଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ୍

କନ୍ଧମାଳ, ୧୪/୦୨ (ନି.ପ୍ର): ଚାଇଲ୍ଡଲାଇନ୍ ତରଫରୁ ଚକାପାଦ ପଂଚାୟତ ସମିତି ଅନ୍ତର୍ଗତ ପସରା ପଂଚାୟତର ଦୁର୍ଗମ ଅଂଚଳ ଯୁଇଖୋଲ ଗ୍ରାମର ପିତାମାତା ହରେଇ ଥିବା ୨ଶିଶୁଙ୍କୁ ଅଧକ୍ଷ ଶିଶୁମଙ୍ଗଳ କମିଟିରେ ଉପସ୍ଥାପନ କରି କମିଟିର ଆଦେଶ ଅନୁସାରେ ମୁଳଗୁଦାରିସ୍ଥିତ ସାଧନ ଶିଶୁ ଯତ୍ନ ଅନୁଷ୍ଠାନରେ ଆଜି ଥଇଥାନ କରିଯାଇଛି। ସୂଚନା ଅନୁସାରେ ଶିଶୁର ମାତା ୨୦୧୮ ମସିହାରେ ଅଜଣା ରୋଗରେ ମୃତ୍ୟୁବରଣ କରିଥିଲେ ଓ ପିତା ହତ୍ୟାର ଶୀକାର ହୋଇ ମାର୍ଚ୍ଚ ୨୦୨୨ରେ ମୃତ୍ୟୁବରଣ କରିଥିଲେ। ଏହା ପରେ ୨ଶିଶୁର ଶିକ୍ଷା ବନ୍ଦ ହୋଇଯାଇ ଥିଲା। ଏହା ଚାଇଲ୍ଡଲାଇନ୍ ସୁଚନା ପାଇବା ପରେ ଟିମ୍ ମେମ୍ବର ଶିବଶଙ୍କର ବେହେରା ଓ ସୁରେନ୍ଦ୍ର ପଡ୍ରା ପ୍ରଥମେ ସନ୍ତୋଷିନୀ କହଁର ୧୦ବର୍ଷଙ୍କୁ ଗତ ସେପଟ୍ମ୍ବର ୨୦୨୨ ରେ ଥଇଥାନ କରିଥିଲା ଓ ଅନୁଭବ କହଁର ୧୩ବର୍ଷ ରାଜି ନହେବାରୁ ଥଇଥାନ କରାଯାଇ ପାରିନଥିଲା ଏବଂ ଏକ ମାତ୍ର ବଡ ଭାଇ ମୁନା କହଁର ଶିଶୁଙ୍କ ଭଲମନ୍ଦ ବୁଝୁଥିଲା କିନ୍ତୁ ସେ ମଧ ଚଳିତ ମାସ ୦୧ ରିଖରେ ମୃତ୍ୟୁ ବରଣ କରିଥିଲା। ଏହାପରେ ଶିଶୁ ସମ୍ପୁର୍ଣ୍ଣ ଅସହାୟ ହୋଇଯାଇଥିଲା। ଉକ୍ତ ସୂଚନା ଜଣାପଡିବା ପରେ ଟିମ୍ ମେମ୍ବର ଶିବଶଙ୍କର ବେହେରା ଶିଶୁକୁ ବୁଝେଇ ଶିକ୍ଷା ପାଇଁ ମାନସିକ ଭାବେ ପ୍ରସ୍ତୁତ କରେଇ ଶିଶୁର ଭିଣୋଇଙ୍କୁ ଅବଗତ କରିଥିଲେ ଏବଂ ଶେଷରେ ଅନୁଭବକୁ ଅଧକ୍ଷ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରି କମିଟିର ଆଦେଶ ଅନୁସାରେ ମୁଳଗୁଦାରିସ୍ଥିତ ସାଧନ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରିଥିଲେ।

# ସୁଡୁକୁମ୍ପାରେ ଲୋକକଳା ମହୋତ୍ସବ ଅନୁଷ୍ଠିତ: କଳାକାରଙ୍କ କଳା ପ୍ରଦର୍ଶନରେ ଉତ୍ସବ ମୁଖର ଅଂଚଳ

କନ୍ଧମାଳ, ୧୪/୦୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ସୁଡୁକୁମ୍ପା ଠାରେ ଲୋକକଳା ମହୋତ୍ସବ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଲୋକକଳା ସଂସ୍କୃତି ସଙ୍ଘ ଆନୁକୂଲ୍ୟରେ ତିନୋଟି ପଂଚାୟତର ପ୍ରତି ଗ୍ରାମରେ ସଂସ୍କୃତି ପରମ୍ପରା ଲୋକକଳାକୁ ବଂଚାଇ ରଖିଥିବା ଗୋଷ୍ଠୀ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସୁଡୁକୁମ୍ପା ଇନ୍ଦ୍ରଯଜ୍ଞ ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ଅଂଚଳ ପରିକ୍ରମା କରି ହନୁମାନ ମନ୍ଦିର ପହଂଚି ପୂଜାର୍ଚ୍ଚନା ସାରି ସେହି ଇନ୍ଦ୍ରଯଜ୍ଞ ମଣ୍ଡପକୁ ପହଂଚି ସେଠାରେ ଗ୍ରାମାଂଚଳରେ ପୁରାତନ କାଳରୁ ପାରମ୍ପରିକ ରୀତିରେ କଳା ସଂସ୍କୃତି ଲୋକକଳ କାର ଗୋଷ୍ଠୀ ମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ରହି ନିଜର କଳାକୁ ପ୍ରଦର୍ଶନ କରି କଳାକୁ ବଂଚାଇ ରଖିବା ସହିତ କଳାକାର ଭାବେ ପରିଚୟ ସୃଷ୍ଟି କରି ସରକାରୀ ସ୍ୱୀକୃତି ପାଇବା ଓ ନିଜର ଅଧିକାର ଜାହିର କରି ସରକଙ୍କୁ ଦୃଷ୍ଟି ଆକର୍ଷଣ କରାଇ ଅନୁଦାନ ପ୍ରାପ୍ତ ହୋଇ ପାରିବା ଏହି ଲୋକକଳା ମହୋତ୍ସବର ଏକ ପ୍ରୟାସ ଓ ମୂଖ୍ୟ ଉଦେଶ୍ୟ ବୋଲି ସମାଜସେବୀ ତଥା ସ୍ଥାନୀୟ ପଂଚାୟତ ସମିତିସଭ୍ୟ ସମଂଚ ପରିଚାଳକ ବୈଦ୍ୟନାଥ ବେହେରା ସମସ୍ତଙ୍କୁ ଜଣାଇଥିଲେ। ଏହି ମହୋତ୍ସବରେ ତିନୋଟି ପଂଚାୟତ ସୁଡୁକୁମ୍ପା,ସୁଡ୍ରେଜୁ, ବିଲାବାଡ଼ିର ଲୋକକଳା ଗୋଷ୍ଠି ଦଣ୍ଡନାଚର ବିଭିନ୍ନ କଳା, ଓଡ଼ିଶୀ କୀର୍ତନ, କୃଷ୍ଣଗୁରୁ, ନଦିଆ କୀର୍ତନ, କାଳ୍ପନିକ ଓ ପୌରାଣିକ ନାଟକର ବିଭିନ୍ନ କଳା, ଆଦିବାସୀ ଖଞ୍ଜଣି ନୃତ୍ୟ, ଘୁଡୁକି ନୃତ୍ୟ, ପାଲା, ଦାସକାଠିଆ ସେହିଭଳି ଅନେକ କଳାକୁ କଳାକାରମାନେ ପ୍ରଦର୍ଶନ କରିଥିଲେ।ପ୍ରଥମ ଅଧାୟରେ ମୂଖ୍ୟ ଅତିଥି ଭାବେ ଖଜୁରୀପଡ଼ା ବ୍ଲକ ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇଥିବା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମମତା ମଲିକ, ବିଲାବାଡ଼ି ପଂଚାୟତ ସରପଂଚ ରବୀନ୍ଦ୍ର ଭୁକ୍ତା, ସୁଡ୍ରେଜୁ ପଂଚାୟତ ସରପଂଚ ଲକ୍ଷ୍ମୀ ପ୍ରଧାନ, ରତାବାରି ଶାଖା କୁଇସମାଜ ସଭାପତି ପଙ୍କଜ ମଲିକ, ଉପ-ସଭାପତି ହରେକୃଷ୍ଣ ମାଝୀ, ସତ୍ୟବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ଦୂତୀୟ ଅଧାୟରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ବିଧାୟକ ଆଙ୍ଗଦ କହଁର, ପୂର୍ବତନ ବ୍ଲକ ଅଧକ୍ଷ ତଥା ସଂସଦ ପ୍ରତିନିଧି ପଙ୍କଜ ମଲିକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଆଇୟୋଜକ ବ୍ଲକ କଳା ସଂସ୍କୃତି ସଂଘର ସଭାପତି ସରୋଜ କୁମାର ସାହୁ,ଭକ୍ତଚରଣ କହଁର, ନବକିଶୋର ନାୟକ, ନାରଦ ବେହେରା, ରଙ୍କନିଧି ପ୍ରଧାନ, ମହେଶ୍ୱର କହଁର, ସହଯୋଗରେ ସମାଜସେବୀ ମାନସ କୁମାର ମଲିକ ଉମେଶ ମଲିକ, ବୈଦ୍ୟନାଥ ବେହେରା, ଗୋକୁଳ କହଁର ଅନ୍ୟ ସମସ୍ତେ ରହିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କଳାକୁ ସମ୍ମାନ ଜଣାଉ ସମସ୍ତେ ନିଜକୁ କେମିତି ସରକାରୀ ଅନୁଦାନ ପ୍ରାପ୍ତ ହୋଇପାରିବେ ଓ କଳାକୁ ବଂଚାଇ ରଖିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲେ ଓ କଳାକାର ଗୋଷ୍ଠିଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୪/୦୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୮ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ଗୋଟିଏ ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୪୩ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଚମ୍ପାମାଲ ଗ୍ରାମର ଦିବ୍ୟାଜ୍ୟୋତି ଥାନପତି ଓ ରଥପୁର ନିବାସୀ ଦେବକୀ ବଘାରଙ୍କୁ ବିଧବା ଭତା ସହାୟତା ଯୋଜନାରେ ସାମିଲ କରାଯାଇ ମାସିକ ୫୦୦/- (ପାଂଚ ଶହ ଟଙ୍କା ) ଲେଖାଏଁ ପ୍ରଦାନ କରିଛନ୍ତି ଜିଲ୍ଲାପାଳ ତଥା ଉପସ୍ଥିତ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁର। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର ମୋତିଲାଲ ସୁଲିଆଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କଁହର, ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ବିଶ୍ୱ ରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ୍ତ, ଡିଇଓ ଲକ୍ଷ୍ମଣ ଭୋଇ, ସିଏସଓ ସୁରେଶ ପାଣିଗ୍ରାହୀ, ଡ଼ିଏସଏସଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ପୁରୀରେ ବାୟୁ ପ୍ରଦୂଷଣ ବୃଦ୍ଧି

ପୁରୀ, ୧୪/୦୨ (ନି.ପ୍ର): ବିଶ୍ୱସ୍ତରୀୟ ପୁରୀ ସହରରେ ଦିନକୁ ଦିନ ବାୟୁ ପ୍ରଦୂଷଣ ବଢିବାରେ ଲାଗିଛି । ସହରରେ ପ୍ରାୟ ୧୫ ହଜାର ଡ଼ିଜେଲ ଅଟୋ, ପ୍ରାୟ ୪ ହଜାର ପେଟ୍ରୋଲ ଅଟୋ, ପୁରୁଣା ବସ୍, ଟାଉନ ବସ୍ ଓ ଅନ୍ୟାନ୍ୟ ୪ ଚକିଆ ଗାଡ଼ି ଚଳପ୍ରଚଳ କରୁଥିବାରୁ ବାୟୁ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ପ୍ରତିଦିନ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦ ବସ୍, କାର୍ ସମେତ ଅନ୍ୟାନ୍ୟ ଯାନ ଯାଆସ କରୁଛି । ବିଶେଷକରି ଡ଼ିଜେଲ ଅଟୋର ଧୂଆଁ ଯୋଗୁ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଶ୍ୱାସଜନିତ ରୋଗରେ ପୀଡ଼ିତ ହେଉଛନ୍ତି । ଜାତୀୟ ରାଜପଥ ବଡ଼ଦାଣ୍ଡର ରାସ୍ତା ଉପରେ ବସ୍ ରିପାରିଙ୍ଗ, ୱେଲଡ଼ିଂ ଓ ମରାମତି ଯୋଗୁଁ ପ୍ରଦୂଷଣ ବଢୁଛି ବୋଲି ଅଭିଯୋଗ ହେଉଛି । ପୁରୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଇ -ଅଟୋ ବ୍ୟବସ୍ଥା କରାଯାଇଥିଲେ ମଧ ବିଭିନ୍ନ ଅଟୋ ଷ୍ଟାଣ୍ଡରେ ସେମାନଙ୍କୁ ଛିଡ଼ା କରାଇ ଦେଉନଥିବା ଅଭିଯୋଗ ହେଉଛି । ସମୁଦ୍ରକୂଳେ ଅନେକ ଡ଼ିଜେଲଚାଳିତ ଡ଼ଙ୍ଗା ଷ୍ଟାର୍ଟ ସମୟରେ ପ୍ରବଳ ଧୂଆଁ ଛାଡୁଥିବାରୁ ପର୍ଯ୍ୟଟକମାନେ ଅତିଷ୍ଠ ହେଉଛନ୍ତି । ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ବାଲି ଓ ଧୂଳି ଜମୁଥିବାରୁ ଗାଡ଼ି ମୋଟର ଯିବା ସମୟରେ ସେହି ଧୂଳି ପ୍ରଦୂଷଣ ବଢାଉଛି । ଅନେକ ଦୁଇ ଚକିଆ ଗାଡ଼ିର ସାଇଲେନସର ଫାଟି ଯାଇଥିଲେ ମଧ କେତେକ ଯୁବକ ଉଚ୍ଚ ଶବ୍ଦ କରି ଓ ଧୂଆଁ ଛାଡ଼ି ଯିବାରେ ଶବ୍ଦ ଓ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଆଂଚଳିକ ପରିବହନ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ପ୍ରଦ୍ୟୁଷଣ ରକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଏସ୍ଏସ୍‌ଭିଏମ୍ ଫୁଲବାଣୀଠାରେ କନ୍ୟା ଶିବିର ଅନୁଷ୍ଠିତ

କନ୍ଧମାଳ, ୧୪/୦୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଫୁଲବାଣୀ ପରିସରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲ୍ଲାର ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ, ମାତୃ ଭାରତୀର ସଭାପତି ପ୍ରମିଳା ବେହେରା, ସମ୍ପାଦକ କଳ୍ପଲତା କର ଉପସ୍ଥିତ ଥିଲେ। ପ୍ରାୟ ୭୦ ଜଣ ଭଉଣୀ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତା ଯଥା ଅଳତା ଲଗାଇବା, ଝୋଟି, ଶାଢ଼ୀ ପିନ୍ଧା, ଖାଦ୍ୟ ପ୍ରସ୍ତୁତି ଓ ବ୍ୟବସାୟିକ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ କଳ୍ପନା ଦଳେଇ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତି, ମୁଖ୍ୟବକ୍ତା ଭାବେ ଫିରିଙ୍ଗିଆ ମହାବିଦ୍ୟାଳୟର ଅଧାପିକା ହରପ୍ରିୟା ମିଶ୍ର, ଅନୁଷ୍ଠାନର ସମ୍ପାଦକ ବିରଂଚି ନାରାୟଣ ମିଶ୍ର, ଜିଲ୍ଲା ପ୍ରମୁଖ ଇନ୍ଦ୍ରମଣି ନାୟକ ଉପସ୍ଥିତ ଥିଲେ। ବିଚାରକ ଭାବେ ବିରିଗାଁର ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ସାହୁ, କଳ୍ପଲତା କର, ରଶ୍ମିତା ମହାନ୍ତି, ସୁଦେଷ୍ଣା ମିଶ୍ର, ପ୍ରମିଳା ଦଳ ବେହେରା ସହଯୋଗ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ଦକ୍ଷିଣ ପୂର୍ବ ସମ୍ଭାଗର ବାଳିକା ଶିକ୍ଷ୍ୟ ସଂଯୋଜିକା ବୈଜୟନ୍ତି ସାମନ୍ତରାୟଙ୍କ ସଂଯୋଜନା ତଥା ସମସ୍ତ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ଉଷାରାଣୀ ଗୀତିନାଟ୍ୟ ପରିଷଦର ପଂଚମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୪/୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଉଷାରାଣୀ ଗିତିନାଟ୍ୟ ପରିଷଦର ପଂଚମ ବାର୍ଷିକ ଉତ୍ସବ ଦୁହୁରିଆ ନିକଟସ୍ଥ ପାଟସାମୁଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୀତିନାଟ୍ୟ ପରିଷଦର ପ୍ରତିଷ୍ଠାତା ପ୍ରଭାତ କୁମାର ସିଂହଙ୍କ ପୌରହିତରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଅଧିକାରୀ ପ୍ରଫେସର ଲକ୍ଷ୍ମୀନାରାୟଣ ଦାସ, ମୁଖ୍ୟବକ୍ତା ଲଳିତା ଅଞ୍ଜଳୀ ଦାସ ଯୋଗଦେଇ କେନ୍ଦ୍ରାପଡ଼ା ଏକ କଳା ସଂସ୍କୃତିର ଜିଲ୍ଲା। ଏହି ପରମ୍ପରାକୁ ଉଜ୍ଜିବିତ କରିବା ଓ ଲୁଚିଯାଉଥିବା ଗୀତିନାଟ୍ୟର ସଫଳ ରୂପାୟନ କରିବା ଉଷାରାଣୀ ଗୀତିନାଟ୍ୟ ପରିଷଦର ମୂଳଲକ୍ଷ୍ୟ। ସମ୍ମାନୀତ ଅତିଥି ଭାବେ ଅଭିରାମ ନାୟକ, ରମେଶ ଦାସ, ପ୍ରଦିପ୍ତ କୁମାର ନାୟକ, ଭବାନୀ ଓଝା, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ନାଟକ ସମାଜକୁ ନୂତନ ଦିଗ୍‌ଦର୍ଶନ, ପ୍ରେରଣା ଦେବାସହ ସମାଜର ସଂସ୍କାରରେ ସୁଧାର ଅଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ନିକଟରେ ପୁରୀ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏକ ମଂଚରେ ଉଷାରାଣୀ ଗୀତିନାଟ୍ୟ ପରିଷଦର କଳାକାରଙ୍କ ଦ୍ୱାରା ଉଚ୍ଚ କୋଟିର ନାଟ୍ୟ ପରିବେଷଣ କରାଯାଇଥିଲା। ଯାହାଫଳରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନାଟ୍ୟ ପରିଷଦକୁ ଜିଲ୍ଲା ସଂସ୍କୃତି ଭବନରେ ଆଗାମୀ ମାସରେ ନାଟ୍ୟ ପରିବେଷଣ ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ବଲାଙ୍ଗୀରରେ ଆଇନଶୃଙ୍ଖଳା ବିଗୁଡୁଛି: ବଢୁଛି ଜନଅସନ୍ତୋଷ

ବଲାଙ୍ଗିର, ୧୪/୦୨ (ନି.ପ୍ର): ବଲାଙ୍ଗୀର ସହର ତଥା ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି । ବିଚ ରାସ୍ତାରେ ଅପରାଧୀମାନେ ଖଣ୍ଡା, ଭୁଜାଲିରେ ଆକ୍ରମଣ କରୁଛନ୍ତି । ଅନେକ ସ୍ଥାନରେ ଗୁଳି ଫୁଟୁଛି। ଫଳରେ ସହର ଅଶାନ୍ତ ହେବାରେ ଲାଗିଛି। ଗତ ଚାରିଦିନ ତଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରାବାସରେ ପଶି ଜଣେ ନିଶାସକ୍ତ ଯୁବକ ଦୁଇଜଣ ଯୁବକଙ୍କ ଟଂଟିକାଟି ହତ୍ୟା ଉଦ୍ୟମ କରିଥିଲା । ଠିକ ସେହିପରି ଶାସ୍ତ୍ରୀନଗର ପଡାରେ ଜଣକ ଘରେ ପଶି ଦୁର୍ବୃତ ମାନେ ସ୍ୱାମୀ, ସ୍ତ୍ରୀଙ୍କୁ ଖଣ୍ଡାରେ ହାଣି ଲହୁଲୁହାଣ କରିଦେଲେ । ଦୁଇଦିନ ତଳେ ପୁଣି ରେଳ ଷ୍ଟେସନ ରାସ୍ତାରେ ଜଣେ ପାନଦୋକାନୀକୁ ଦିନଦ୍ୱିପହରରେ ୭ଜଣ ମିଶି ଖଣ୍ଡାରେ ହାଣିଦେଲେ। ଏଭଳି ଘଟଣାକୁ ଦେଖିଲେ ବଲାଙ୍ଗୀରରେ ଆଉ ଆଇନଶୃଙ୍ଖଳା ଥିବା ଭଳି ଜଣାପଡୁନାହିଁ । ତେଣୁ ଆଜି ପୋଲିସର ନିଷ୍କ୍ରିୟତା ବିରୁଦ୍ଧରେ ବଲାଙ୍ଗୀର ସହରର ସ୍ୱେଚ୍ଛାସେବୀ ସଂଗଠନମାନେ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଜି ସ୍ଥାନୀୟ କୋସଳ କଳାମଣ୍ଡଳ ପଡିଆଠାରୁ ସ୍ୱେଚ୍ଛାସେବୀ ମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପରେ ସହର ତଥା ଜିଲ୍ଲାରେ ଶାନ୍ତିରକ୍ଷା ପାଇଁ ପୋଲିସ ପଦକ୍ଷେପ ନେବାକୁ ଏସପି ନୀତିନ କୁସଲକରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ସଭାପତି ସନ୍ତୋଷ ପଟ୍ଟନାୟକ ଓ ସଂପାଦକ ଗୋବିନ୍ଦ ଶତପଥିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବଲାଙ୍ଗୀର ନାଗରିକ କମିଟିର ସଂପାଦକ ମନୋରଂଜନ ସାହୁ, ବଲାଙ୍ଗୀର ଯୁବ ଏକ୍ସନ କମିଟିର ସଭାପତି ବିନୋଦ କାଲସାଏ, ବିଙ୍ଗହ୍ୟୁମାନ ଫାଉଣ୍ଡେସନର ବିବେକା ପଟେଲ, ନାରୀଶକ୍ତି ଫାଉଣ୍ଡେସନର ନୂତନ ଦାସ, ମମତା ଜେନା, ଷ୍ଟାଇଲ ଫର ଅଲର ସଂଜୀବ ସାହୁ, ବିଜେଡି କାଉନସିଲର ତଥା ନଗର ସଭାପତି ଶମ୍ଭୁ ନାଗ, ଜିଲ୍ଲା ଯୁବବିଜେଡି ସଭାପତି ରାଜେନ୍ଦ୍ର ହୋତା, କଂଗ୍ରେସ ଦଳର ଅଜୟ ବାଲି, ନାଶିର ଖାନ, ଅମିତ ନାୟକ, ଗୋସୁରକ୍ଷା କମିଟିର କାହ୍ନା ଶତପଥି, ସ୍ୱାଭିମାନ ପରିବାର, ପଶ୍ଚିମ ଓଡିଶା ଯୁବା ମଂଚ, ଯୁବା ପ୍ରତାପୀ ସେନା, କୋସଳ ମୁକ୍ତି ମୋର୍ଚ୍ଚା, ଅଟୋଚାଳକ ସଂଘ, ଶ୍ରମିକ ସଂଘର କର୍ମକର୍ତା ସାମିଲ ହୋଇଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ୍ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍)ର ନିଷ୍ପତି: ଦାବି ପୂରଣ ନହେଲେ ତୀବ୍ରତର ହେବ ଆନ୍ଦୋଳନ

କେନ୍ଦ୍ରାପଡ଼ା, ୧୪/୦୨ (ନି.ପ୍ର): ଡେରାବିଶ ବ୍ଲକ ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ରାମ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଅଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଂଘର ସଭାପତି ପ୍ରଶାନ୍ତ କୁମାର ସତପଥିଙ୍କ ଅଧ୍ୟକତା କରିଥିଲେ। ଏହି ବୈଠକରେ ରାଜ୍ୟ ର ୧.୫ ଲକ୍ଷ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ତିନି ଦଫା କାର୍ଯ୍ୟ ଦାବିନେଇ ବିଧାନ ସମ୍ମୁଖରେ ଗତ ନଭେମ୍ବର ମାସ ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଲିଖିତ ପ୍ରତିଶୃତି ଦେଇ ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ବୈଠକ କରାଯାଇ ଦାବିପୁରଣ କରାଯିବ। ପ୍ରାଥମିକ ଶିକ୍ଷକଙ୍କ ମୁଖ୍ୟ ତିନୋଟି ଦାବି ଯଥା-୧) ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଠିକା ନିଯୁକ୍ତି ଉଚ୍ଛେଦ ସହ ୨୦୦୧ ମସିହା ଠାରୁ ଆଜିପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ନୂତନଭୁକ୍ତ ଶିକ୍ଷକଙ୍କୁ ୬ବର୍ଷର ୬ଟି ନେସନାଲ ଇନ୍‌କ୍ରିମେଂଟ ପ୍ରଦାନ ୨)କେନ୍ଦ୍ରୀୟ ହାରରେ ପ୍ରାଥମିକ ଶିକ୍ଷକଙ୍କୁ ୩୫୪୦୦ ଟଙ୍କା ହିସାବରେ ମାସିକ ଦରମା ପ୍ରଦାନ ଓ ତୃତୀୟ, ଏନ୍‌ପିଏସ୍ ଭଳି ଘୃଣ୍ୟ ପେନସନ୍‌କୁ ଉଚ୍ଛେଦ କରି ପୁରାତନ ପେନ୍‌ସନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା। ରାଜ୍ୟ ସଂଘର କର୍ମକର୍ତା ଓ ସଚିବସ୍ତରୀୟ ବାର୍ତା ଦୁଇ ଦୁଇ ଥର ହୋଇ ସାରିଥିଲେ ମଧ ସରକାର ଦାବି ପୂରଣ କରୁନଥିବାରୁ ସଭାରେ ଉପସ୍ଥିତ ଶହ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସରକାର ଯଦି ଶୀଘ୍ର ଦାବି ପୂରଣ ନକରନ୍ତି ତେବେ ସମସ୍ତ ପ୍ରାଥମିକ ଶିକ୍ଷକ ବାଧହୋଇ ଆସନ୍ତା ବିଧାନ ସଭା ଅଧିବେଶନ ସମୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମିଳିତ ମତପ୍ରକାଶ କରିଥିଲେ। ଆସନ୍ତା ଆନ୍ଦୋଳନ ତୀବ୍ରତର ହେବ। ଏଥିରେ ଯାହାବି କ୍ଷତି ହେବ ସେଥିପାଇଁ ଓଡ଼ିଶା ସରକାର ଦାୟୀ ରହିବେ ବୋଲି ସର୍ବସମ୍ମତ ମତପ୍ରକାଶ କରିଥିଲେ। ଏହି ବୈଠକକୁ ସଫଳ ରୂପାୟନ ପାଇଁ ସଂଘର ସାଧାରଣ ସମ୍ପାଦକ ସେକ୍ ବରକାତୁଲ୍ଲା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉପଦେଷ୍ଟା ଅଶ୍ୱିନୀ କୁମାର ରାଉତ, ଭକ୍ତରଞ୍ଜନ ସ୍ୱାଇଁ, ନରେନ୍ଦ୍ର କୁମାର ପରିଡ଼ା, ବସନ୍ତ କୁମାର ପ୍ରଧାନ, ସ୍ମୃତିରେଖା ବଳ କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାସ ଉପ ସଭାନେତ୍ରୀ ଯୋସ୍ନାରାଣୀ ଜେନା, ସହ ସମ୍ପାଦିକା ରଶ୍ମିତା ଶେଣ୍ଠ, କୋଷାଧକ ତ୍ରିଲୋଚନ ମଲିକ, ସମୀକ୍ଷକ ଶିବପ୍ରସାଦ ମିଶ୍ର, ହରେକୃଷ୍ଣ କର, ଉତମ କୁମାର ମଲ୍ଲିକ, ବୀରେନ୍ଦ୍ର କୁମାର ମଲ୍ଲିକ, ସେକ୍ ସିରାଜୁଦ୍ଦିନ, ମୀର ଅମିରୁଉଲ୍ଲା, ମହମ୍ମଦ ସିଦ୍ଧିକ, ସେଖ୍ ନଇମ ଅଖତର, ଅବୁସଲାମ ଖାନ, କନକଲତା ପୃଷ୍ଟି, ଅମିତା ବାଇ, ସୁନିତା ନାୟକ, ବିଶ୍ୱପ୍ରକାଶ ବେହେରା, ପ୍ରଫୁଲ କୁମାର କାଣ୍ଡି, ନିରଞ୍ଜନ ନାୟକ, ବସନ୍ତ ପଣ୍ଡା, ଡମ୍ବରୁ ପ୍ରଧାନଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହି ଦେଶରେ ଦିଆଯାଏ ଦଣ୍ଡ



ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ କାରକୁ ଅଟକାଇ ଭିଡିଓ ତିଆରି କରିବା ପାଇଁ ଲୋକଙ୍କୁ ଦଣ୍ଡ ଦିଆଯିବା ବିଷୟରେ ଆପଣ ନିଶ୍ଚୟ ଶୁଣିଥିବେ, କିନ୍ତୁ ଆପଣ କେବେ ଶୁଣିଛନ୍ତି କି ରାସ୍ତା ମଝିରେ ଯଦି ଇନ୍ଧନ ସରିଯାଏ ତେବେ ବି ଦଣ୍ଡ ମିଳିବ ହଁ, ଦୁନିଆରେ ଏପରି ଏକ ଦେଶ ଅଛି ଯେଉଁଠାରେ ଆପଣ ଯେତେ ଦ୍ରୁତ ଗତିରେ ଗାଡି ଚଲାନ୍ତୁ ପଛେ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ଯଦି ଆପଣଙ୍କର କାରର ରାସ୍ତା ମଝିରେ ତେଲ ସରିଯାଏ, ତେବେ ଆପଣଙ୍କୁ ଏଥିପାଇଁ ଦଣ୍ଡିତ କରାଯିବ ।

କେବଳ ଏତିକି ନୁହେଁ, ଏହି ଦେଶରେ ଆହୁରି ଅନେକ ନିୟମ ଅଛି, ଯାହାକୁ ଶୁଣିଲେ ଆପଣ ଅଜବ ବୋଲି କହିବେ । ଏହି ଦେଶର ନାମ ହେଉଛି ଜର୍ମାନୀ । ଏହା ହେଉଛି ସେହି ଜର୍ମାନୀ, ଯେଉଁଠାରେ ହିଟଲର ଏକଛତ୍ରବାଦୀ ଶାସନ କରୁଥିଲେ, ଯେଉଁଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା । ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ଦେଶ ସମ୍ପୂର୍ଣ୍ଣ ଗରିବ ହୋଇଯାଇଥିଲା, କିନ୍ତୁ ଆଜି ଏହା ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଗଣାଯାଇଛି ।

ଆଜି ଇଞ୍ଜିନିୟରିଂ କ୍ଷେତ୍ରରେ ଜର୍ମାନୀର ନାମ ପ୍ରଥମେ ଆସୁଛି । ଜର୍ମାନୀରେ, ଆପଣ ରାସ୍ତାରେ ଯେତେ ଜୋରରେ ଗାଡିଚାଳନା କରିପାରିବେ, ଏଥିପାଇଁ କୌଣସି ପ୍ରକାରର ଦଣ୍ଡର ବ୍ୟବସ୍ଥା ନାହିଁ । କିନ୍ତୁ ଯଦି ଆପଣଙ୍କ ଗାଡିର ଇନ୍ଧନ ରାସ୍ତା ମଝିରେ ସରିଯିବ, ତେବେ ଏଠାରେ ଏହାକୁ ଅପରାଧ ଭାବରେ ବିବେଚନା କରାଯିବ ଏବଂ ଏଥିପାଇଁ ଆପଣଙ୍କୁ ଦଣ୍ଡ ଦିଆଯାଇପାରେ କିମ୍ବା ଆପଣ ଜରିମାନା ମଧ୍ୟ ଦେଇପାରନ୍ତି ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରମ୍ପସ୍ ମଧ୍ୟ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ । ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ୍ୟ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ ।

ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି । ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

- ଯଦି ପିରିୟଡ୍ ସମୟରେ କଷ୍ଟ ଅସହ୍ୟ ଏବଂ ଭୟଙ୍କର ହେଉଛି, ତେବେ ତୁରନ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ୍ ।
- ଅଧିକରୁ ଅଧିକ ଯନ୍ତ୍ରଣା ଦେଉଥିବା ପିରିୟଡ୍ କ୍ରାମ୍ପସ ପଛରେ କୌଣସି ପୁରୁଣା ରୋଗର କାରଣ ମଧ୍ୟ ରହିଥାଏ । ଯାହା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ ।
- ଫାଇବ୍ରଏଡର ବିକାଶିତ ହେବାର ଅନ୍ୟତମ କାରଣ, ଏହା ହେଉଛି ଏକ ପ୍ରକାର ଟ୍ୟୁମର୍ ଯାହା ଗର୍ଭାଶୟ ଭିତରେ ବିକଶିତ ହୁଏ । ଏହି କାରଣରୁ ବହୁତ ଯନ୍ତ୍ରଣା ହୋଇଥାଏ । ଏହା ଗର୍ଭପାତର ଆଶଙ୍କାକୁ ବଢାଇଥାଏ ।

***ଏଣ୍ଡୋମେଟ୍ରିଓସିସ୍ ରୋଗ***

- ଏହି ରୋଗ ହେବା ଦ୍ୱାରା ଗର୍ଭାଶୟର ଟିସୁ ଗର୍ଭାଶୟ ବାହାରେ ବ୍ୟାପିବା ଆରମ୍ଭ କରିଥାଏ । ଏହା ଦ୍ୱାରା ଆଖପାଖ ଟିସୁକୁ ମଧ୍ୟ ପ୍ରଭାବିତ କରେ । ଏହି ରୋଗ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ । ଏହି ରୋଗ ପ୍ରବଳ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ମହିଳା ଏହି କାରଣରୁ ସନ୍ତାନ ପ୍ରସବ କରିବାରେ ଅସମର୍ଥ ହୋଇଥାନ୍ତି ।

# ଷ୍ଟିଲ୍ ଗ୍ଲାସରେ ପାଣି ପିଇବାର ଅଦ୍ଭୁତ ଫାଇଦା



ପାଣି ପିଇବା ପାଇଁ ଲୋକମାନେ ସାଧାରଣତଃ ଘରେ ଷ୍ଟିଲ ଗ୍ଲାସ ବ୍ୟବହାର କରନ୍ତି । ସେଥିପାଇଁ ପ୍ରାୟ ଘରେ ପାଣି ପିଇବା ଓ ରଖିବା ପାଇଁ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଏ । କାଚରେ ତିଆରି ଗ୍ଲାସ୍ କିମ୍ବା ବୋତଲ ବହୁତ କମ୍ ବ୍ୟବହାର ହୁଏ । ବିଶେଷକରି ଯେତେବେଳେ ଜଣେ ଅତିଥି ଆସନ୍ତି ସେତେବେଳେ ଆମେ କାଚ ଗ୍ଲାସର ବ୍ୟବହାର କରୁ । କିନ୍ତୁ ଯଦି ଆପଣ ପ୍ରତିଦିନ କାଚ ଗ୍ଲାସରେ ପାଣି ପିଅନ୍ତି, ତେବେ ଆପଣ ଅନେକ ଲାଭ ପାଇବେ । ସାଧାରଣତଃ ଯେତେବେଳେ ଆପଣ ପ୍ଲାଷ୍ଟିକ୍ ବୋତଲ କିମ୍ବା ଷ୍ଟିଲ ଗ୍ଲାସରେ ପାଣି ପିଅନ୍ତି ଏହାର ସ୍ୱାଦ ସାଧାରଣ ପାଣି ଠାରୁ ଟିକିଏ ଅଲଗା ଲାଗିଥାଏ । କିଛି ବାସ୍ନା ମଧ୍ୟ ଆସେ । ଏହାର କାରଣ ହେଉଛି ପ୍ଲାଷ୍ଟିକରେ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ । ଯାହା ପାଣି ମାଧ୍ୟମରେ ଶରୀରକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ । କିନ୍ତୁ କାଚ ଗ୍ଲାସ କିମ୍ବା ବୋତଲରେ କୌଣସି ପ୍ରକାରର ରାସାୟନିକ ପଦାର୍ଥର ବିପଦ ନଥାଏ । ଆହୁରି ମଧ୍ୟ କୌଣସି ପ୍ରକାରର ଗନ୍ଧ କିମ୍ବା ସ୍ୱାଦରେ ପରିବର୍ତ୍ତନ ହୋଇନଥାଏ ।

ଯେତେବେଳେ କାଚ ଗ୍ଲାସ୍, ବୋତଲରେ ପାଣି ରଖାଯାଏ, ତାହା ଦିନସାରା ସତେଜ ରହିଥାଏ । ଆହୁରି ମଧ୍ୟ ଏଥିରେ ପାଣି ସଫା ଅଛି କି ନାହିଁ ଜାଣିବା ସହଜ ହୋଇଥାଏ ।

# ବ୍ରାଉନ୍ କିମ୍ବା ଧଳା ଅଣ୍ଡା: ସ୍ୱାସ୍ଥ୍ୟ ପାଇଁ କେଉଁଟି ଭଲ ?



କୁକୁଡା ଅଣ୍ଡା ଦୁଇଟି ରଙ୍ଗରେ ଧଳା ଏବଂ ବ୍ରାଉନ୍ ରଙ୍ଗରେ ଆସିଥାଏ ଏବଂ ଉଭୟ ବଜାରରେ ସହଜରରେ ମିଳେ । ତେବେ ଆପଣ କେଉଁଟି ବାଛିବା ଉଚିତ୍ ବେଳେ ମନରେ ଆସେ କେଉଁଟା ଅଧିକ ପୁଷ୍ଟିକର କିମ୍ବା ଅଧିକ ସ୍ୱାଦଯୁକ୍ତ ? ଧଳା ଏବଂ ବାଦାମୀ ଅଣ୍ଡା ମଧ୍ୟରେ ପାର୍ଥକ୍ୟ କ'ଣ ? କେଉଁଟା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ତାହା କିପରି ଜାଣିବେ ।

ଅଣ୍ଡାର ରଙ୍ଗ ମୁଖ୍ୟତ କୁକୁଡ଼ାଙ୍କ ପ୍ରଜାତି ଏବଂ କୁକୁଡ଼ା ଦ୍ୱାରା ଉତ୍ପାଦିତ ପିଗମେଣ୍ଟ ଉପରେ ନିର୍ଭର କରେ । ଖାଦ୍ୟ, ଚାପ ସ୍ତର ଏବଂ ପରିବେଶ ପରି ଅନ୍ୟାନ୍ୟ କାରଣ ମଧ୍ୟ ଅଣ୍ଡାର ରଙ୍ଗ ଉପରେ ପ୍ରଭାବ ପକାଇପାରେ । ଦୁଇଟି ଅଣ୍ଡା ମଧ୍ୟରେ ପୋଷଣକୁ ନେଇ ବିଶେଷ କିଛି ପାର୍ଥକ୍ୟ ନ ଥାଏ ।

ଗୋଟିଏ ବଡ଼ ଅଣ୍ଡାରେ ପ୍ରାୟ ୬.୩ ଗ୍ରାମ ପ୍ରୋଟିନ୍, ୦.୩ ଗ୍ରାମ କାର୍ବୋହାଇଡ୍ରେଟ୍ ଏବଂ ୪.୭ ଗ୍ରାମ ଚର୍ବି ଥାଏ । ଏଥିସହ ଅଣ୍ଡାରେ ପ୍ରାୟ ୦.୮ ମିଗ୍ରା ଆୟରନ୍, ୦.୬ ମିଗ୍ରା ଜିଙ୍କ, ୧୫.୪ ମିଗ୍ରା ସେଲେନିୟମ୍, ୨୩.୫ ମିଗ୍ରା ଫୋଲେଟ୍, ୧୪୭ ମିଗ୍ରା କୋଲାଇନ୍, ୦.୪ ମିସିଜି ଭିଟାମିନ୍ ବି ୧୨ ଏବଂ ୮୦ ମିସିଜି ଭିଟାମିନ୍ ଥାଏ ।

ବାଦାମୀ ଏବଂ ଧଳା ଅଣ୍ଡା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଅନେକ ଅଧ୍ୟୟନ ଜଣାଯାଇଛି ଅଣ୍ଡାର ଗୁଣ କିମ୍ବା ପୁଷ୍ଟିକର ପ୍ରୋଫାଇଲ ଉପରେ ରଙ୍ଗର କୌଣସି ପ୍ରଭାବ ପଡେ ନାହିଁ ।

**କେଉଁଟା ଉତ୍ତମ**

ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ରଙ୍ଗର ଅଣ୍ଡା ଅନ୍ୟ ଅପେକ୍ଷା ସ୍ୱାସ୍ଥ୍ୟକର କିମ୍ବା ସ୍ୱାଦଯୁକ୍ତ । ପ୍ରକୃତ କଥା ହେଉଛି ଉଭୟ ରଙ୍ଗର ଅଣ୍ଡା (ବାଦାମୀ କିମ୍ବା ଧଳା) ପୁଷ୍ଟିକର ଭାବରେ ସମାନ । ସେଥିପାଇଁ ଉଭୟ ଅଣ୍ଡା ସ୍ୱାସ୍ଥ୍ୟପ୍ରଦ ।

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ । ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

***ପରିସ୍ରା ରଙ୍ଗରେ ପରିବର୍ତ୍ତନ :-***

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

***ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-***

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

***ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-***



ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ । ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ୍ୟ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।

ଆମ ହିନ୍ଦୁ ଧର୍ମରେ ପୂଜାର ଅନେକ ମହତ୍ୱ ରହିଛି । କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜା ସାମଗ୍ରୀକୁ ଯଦି ଠିକ୍ ? ସ୍ଥାନରେ ନ ରଖାଯାଏ; ତାହାର ନକାରାତ୍ମକ ପ୍ରଭାବ ପରିବାର ଉପରେ ପଡିଥାଏ । ତେବେ ଆସନ୍ତୁ ଜାଣିବା କେଉଁଠି ପୂଜା ସାମଗ୍ରୀ ରଖିବା ଉଚିତ ...



# ପୂଜା ସାମଗ୍ରୀକୁ ଠିକ୍ ସ୍ଥାନରେ ନରଖିଲେ ପଡିଥାଏ ନକାରାତ୍ମକ ପ୍ରଭାବ: ଜାଣନ୍ତୁ କ'ଣ କହୁଛି ବାସ୍ତୁଶାସ୍ତ୍ର ?

- ♦ ପୂଜା ଘରେ କୌଣସି ମଣି କିମ୍ବା ରତ୍ନ ପଥରକୁ ରଖିବାକୁ ଚାହୁଁଥିଲେ, ତାହାକୁ ମଧ୍ୟ ସଫା କପଡ଼ା ଉପରେ ରଖିବା ଆବଶ୍ୟକ ।
- ♦ ଜଳନ୍ତା ଦୀପକୁ କେବେବି ଖାଲିରେ ତଳେ ଥୋଇବା ଠିକ୍ ? ନୁହେଁ । ଅଳ୍ପ କିଛି ଅରୁଆ ଚାଉଳ ରଖି ତା'ଉପରେ ଦୀପ ଥୋଇପାରିବେ କିମ୍ବା ଦୀପଷ୍ଟାଣ୍ଡ ଉପରେ ରଖି ଦୀପକୁ ଜଳାଇପାରିବେ ।
- ♦ ଶାଳଗ୍ରାମଙ୍କୁ ମଧ୍ୟ ଖାଲିରେ ତଳେ ନ ରଖି ସର୍ବଦା ସଫା ରେଶମୀ କପଡ଼ା ଉପରେ ରଖିବା ଦରକାର ।
- ♦ ଦେବୀଦେବଙ୍କ ମୂର୍ତ୍ତିକୁ ସର୍ବଦା କାଠ କିମ୍ବା ପିତଳର ଖଟୁଲି ହେଉ କିମ୍ବା କୌଣସି ଆସ୍ଥାନ ଉପରେ ନାଲି ରଙ୍ଗର ସଫା କପଡ଼ା ପକାଇ ତା'ଉପରେ ରଖିବା ଉତ୍ତମ ହୋଇଥାଏ ।
- ♦ କେବଳ ମୂର୍ତ୍ତି ନୁହେଁ, ଦେବୀଦେବଙ୍କର ବସ୍ତ୍ର ଓ ଆଭୂଷଣକୁ ମଧ୍ୟ ଚଟାଣ ଉପରେ ସେମିତି ଥୋଇବା ଠିକ୍ ? ନୁହେଁ । ଏହାକୁ ପରିଷ୍କାର ସ୍ଥାନରେ ପଲିଥିନ୍ ହେଉ ଅବା କାଗଜରେ ଭଲ ଭାବେ ଗୁଡ଼ାଇକି ରଖିବା ଦରକାର ।
- ♦ ପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ଫୁଲକୁ ବି ତଳେ ନ ରଖି କୌଣସି ପବିତ୍ର ଧାତୁ କିମ୍ବା ସ୍ୱଚ୍ଛ ପାତ୍ରରେ ରଖିବା ଦରକାର ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୂଆ ରାଜ୍ୟପାଳ ନିଯୁକ୍ତି...

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୩ଟି ପ୍ରଦେଶରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦେଇଛନ୍ତି। ଏହା ସମ୍ଭବତଃ ରାଜ୍ୟପାଳ ନିଯୁକ୍ତିରେ ପ୍ରଥମ ଘଟଣା। ନୂତନ ନିଯୁକ୍ତି ସହ ଜଣେ ରାଜ୍ୟପାଳଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତି ଗ୍ରହଣ କରିଛନ୍ତି । କେତେକଙ୍କୁ ଅନ୍ୟ ରାଜ୍ୟକୁ ବଦଳି କରାଯାଇଛି । ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଛତିଶଗଡ଼କୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ପୂର୍ବତନ ସୁପ୍ରିମ କୋର୍ଟ ବିଚାରପତି ଏସ୍. ଅବଦୁଲ୍ ନଜୀରଙ୍କୁ ନିଯୁକ୍ତ କରାଯାଇଛି । ସେହିଭଳି ମହାରାଷ୍ଟ୍ରର ରାଜ୍ୟପାଳ ଥିବା ଭଗତ ସିଂହ କୋସିଆରିଙ୍କୁ ବିଦାୟ କରାଯାଇ ତାଙ୍କ ସ୍ଥାନରେ ରମେଶ ବୈଶଙ୍କୁ ନିଯୁକ୍ତି ଦିଆଯାଇଛି । ବୈଶ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ। ଅନ୍ୟ ରାଜ୍ୟପାଳଙ୍କ ଭିତରୁ ୬ ଜଣଙ୍କୁ ନୂଆ ନିଯୁକ୍ତି ଦିଆଯାଇଥିବା ବେଳେ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ସିକ୍କିମ ରାଜ୍ୟପାଳ କରାଯାଇଛି । ସି. ପି. ରାଧାକ୍ରିଷ୍ଣନଙ୍କୁ ଝାଡ଼ଖଣ୍ଡ, ଗୁଲାବ ଚାନ୍ଦ କାଟାରିଆଙ୍କୁ ଆସାମ ଓ ଶିବପ୍ରସାଦ ଶୁକ୍ଳାଙ୍କୁ ହିମାଚଳ ପ୍ରଦେଶର ରାଜ୍ୟପାଳ କରାଯାଇଛି। ଯେଉଁ ୭ଜଣଙ୍କୁ ସ୍ଥାନାନ୍ତର କରାଯାଇଛି, ସେମାନଙ୍କ ଭିତରେ ଅଛନ୍ତି ଆନ୍ଧ୍ରର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ (ଛତିଶଗଡ଼), ଅନସୂୟା ଉଇକେଙ୍କୁ ଛତିଶଗଡ଼ରୁ ମଣିପୁର, ଅବସରପ୍ରାପ୍ତ ବ୍ରିଗେଡିୟର ଡା. ବି. ଡି. ମିଶ୍ରଙ୍କୁ ଅରୁଣାଞ୍ଚଳରୁ ନିଆଯାଇ ଲଦାଖର ଉପରାଜ୍ୟପାଳ ଭାବେ ବଦଳି କରାଯାଇଛି। ଏହାଛଡ଼ା ଏଲ୍. ଏ. ଗଣେଶନ୍‌ଙ୍କୁ ମଣିପୁରରୁ ନେଇ ନାଗାଲ୍ୟାଣ୍ଡ, ଫଗୁ ଚୌହାନଙ୍କୁ ବିହାରରୁ ନେଇ ମେଘାଳୟ ଦାୟିତ୍ୱ ଦିଆଯାଇଥିବା ବେଳେ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ହିମାଚଳରୁ ନେଇ ବିହାର ରାଜ୍ୟପାଳ କରାଯାଇଛି । କୁହାଯାଉଛି ଯେ, ୧୩ଟି ରାଜ୍ୟ ମଧ୍ୟରୁ ୯ଟିରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ସେହି ରାଜ୍ୟଗୁଡ଼ିକ ହେଲା ତ୍ରିପୁରା, ମେଘାଳୟ, ନାଗାଲ୍ୟାଣ୍ଡ, ମିଜୋରାମ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, କର୍ଣ୍ଣାଟକ ଓ ତେଲଙ୍ଗାନା। ତାହା ପୂର୍ବରୁ ରାଜ୍ୟପାଳମାନଙ୍କୁ ନିଯୁକ୍ତି ଓ ଅଦଳବଦଳ ଯଥେଷ୍ଟ ମାନେ ରଖୁଛି । ବିଶେଷକରି ୨୦୨୪ରେ ସାଧାରଣ ବିଚାର କରୁଛନ୍ତି। ଭାଷ୍ୟକାରଙ୍କ ମତରେ, ଏହି ରାଜ୍ୟପାଳମାନଙ୍କ ଅଦଳ ନୂତନ ରାଜ୍ୟପାଳ ଭାବେ ପୂର୍ବତନ ସୁପ୍ରିମ କୋର୍ଟ ବିଚାରପତି ନାଜିରଙ୍କ ନିଯୁକ୍ତି ନେଇ ବିପକ୍ଷ ଦଳମାନେ ଭ୍ରୁକୁଞ୍ଚନ କରିଥିବାର ଦେଖିବାକୁ ମିଳିଛି । ପୂର୍ବତନ ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗଇଙ୍କୁ ରାଜ୍ୟସଭା ସଦସ୍ୟ ରୂପେ ମନୋନୀତ କରାଯିବା ଭଳି ନାଜିରଙ୍କୁ ରାଜ୍ୟପାଳ କରାଯିବା ଅନ୍ୟ ଏକ ପ୍ରକରଣ ବୋଲି ଦର୍ଶାଯାଇଛି। ସେହିଭଳି ମହାରାଷ୍ଟ୍ର ରାଜ୍ୟପାଳ କୋସିଆରିଙ୍କୁ ବିଦା କରାଯିବା ଅନ୍ୟ ଏକ ଦୃଷ୍ଟାନ୍ତ। ସେ କାଳେ ଶିବାଜୀ ମହାରାଜଙ୍କ ପ୍ରତି ଅବମାନନା ସୂଚକ ମନ୍ତବ୍ୟ ଦେଇଥିଲେ। ସେଥିପାଇଁ ତାଙ୍କୁ ବିଦା କରାଯାଇ ରମେଶ ବୈଶଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଦାୟିତ୍ୱ ଦିଆଯାଇଥିବାର କୁହାଯାଇଛି । ବହୁକାଳ ଧରି କୋସିଆରି ମହାରାଷ୍ଟ୍ର ରାଜ୍ୟପାଳ ଥିଲେ, କୌଣସି ଉପଲକ୍ଷ୍ୟ ବାହାନାରେ ତାଙ୍କୁ ବିଦା କରାଯିବାର ପ୍ରାସଙ୍ଗିକତା ନେଇ ପ୍ରଶ୍ନ ଉଠାଯାଉଛି । ରାଜ୍ୟପାଳମାନଙ୍କୁ ନିଯୁକ୍ତି ରାଷ୍ଟ୍ରପତିଙ୍କ ଏକାଧିକାର। ତାହା ସମ୍ବିଧାନ ପ୍ରଦତ୍ତ ଅଧିକାର ହୋଇଥିବାରୁ ସେଥିନେଇ କେହି ପ୍ରଶ୍ନ ଉଠାଇ ନପାରନ୍ତି। କିନ୍ତୁ ଅତୀତ ଦିନରେ ମଧ୍ୟ ଶାସକ ଦଳ ମନଇଚ୍ଛା ନିଜକୁ ସୁହାଇବା ଭଳି ପରିବର୍ତ୍ତନ କରୁଥିବାର ନଜିର ରହିଛି। ପରିବର୍ତ୍ତିତ ସ୍ଥିତିରେ କିଭଳି ସେହି ପ୍ରକରଣର ପୁନରାବୃତ୍ତି ହେଉଛି, ତାହା ସମାଲୋଚନାର ଖୋରାକ ଯୋଗାଇବ ବୋଲି ଆଶଙ୍କା ରହୁଛି । କୌଣସି ସ୍ଥିତିରେ ସାମ୍ବିଧାନିକ ବିଧି ବ୍ୟବସ୍ଥାର ଦୁରୁପୋଯୋଗ ସ୍ପୃହଣୀୟ ନୁହେଁ। ବିରୋଧାଭାସ ଭିତରେ ସବୁ କିଛି ଚାଲୁଥିବାର ଦେଖି ସାଧାରଣ ନାଗରିକ ତଟସ୍ଥ ରହିବାକୁ ଶ୍ରେୟ ମଣୁଥିବାର ଦେଖାଯାଉଛି । ସାମ୍ବିଧାନିକ ବ୍ୟବସ୍ଥା ଓ ସଂସଦୀୟ ଗଣତନ୍ତ୍ରର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଷ୍ଟ୍ରପତି କ୍ୟାବିନେଟ୍ ସୁପାରିସ ଆଧାରରେ ପରିଚାଳିତ ହୁଅନ୍ତି। ତାଙ୍କର କ୍ଷମତା ଅପାର, କିନ୍ତୁ ତାଙ୍କୁ କିଛି ବାଧ୍ୟବାଧକତା ଭିତରେ କାର୍ଯ୍ୟ ସମ୍ପାଦନ କରିବାର ଦେଖାଯାଉଛି। ରାଜନୀତି ଶାସ୍ତ୍ର କହୁଛି: ରାଷ୍ଟ୍ରପତି ହେଉଛନ୍ତି ସମ୍ବିଧାନର ରକ୍ଷକ। ମନ୍ତ୍ରୀସଭାର ସୁପାରିସ ଆଧାରରେ ତାଙ୍କୁ ଅବସ୍ଥା ନିର୍ବିଶେଷରେ କାର୍ଯ୍ୟ ସମ୍ପାଦନ କରିବାକୁ ହୋଇଥାଏ। ସୁତରାଂ ରାଜ୍ୟ ପାଳମାନେ ରାଜ୍ୟରେ କେନ୍ଦ୍ରର ପ୍ରତିନିଧି ରୂପେ ଦାୟିତ୍ୱ ପାଳନ କରିଆସୁଛନ୍ତି। ସେମାନଙ୍କ ଭୂମିକା ଦ୍ୱନ୍ଦ୍ୱ ଓ ବିରୋଧାଭାସର ଉର୍ଦ୍ଧ୍ୱରେ ରହିବା ଆଶା କରାଯାଏ ।

## ଓଡ଼ିଶା - ବିକାଶର ନୂଆ ଏକ ଫର୍ଦ୍ଦ



ଡି. ଶୁଭମ୍

ଓଡ଼ିଶା- କେବଳ ଏକ ନାମ ନୁହେଁ ବରଂ ଏହା ଏକ ପରିଚୟ। ଏଠାକାର ମାଟିରୁ ମହକ ଆସେ। ଏଠାକାର ପବନରୁ ଝଙ୍କାର ଆସେ। ଓଡ଼ିଶାର କୀର୍ତ୍ତିରାଜି ହେଉ କି କଳା ସଂସ୍କୃତି ଏସବୁ ବିଶ୍ୱରେ ବିରଳ। ଆମର ଜଗନ୍ନାଥ ମନ୍ଦିର, କୋଣାର୍କ, ଲିଙ୍ଗରାଜ ମନ୍ଦିରର ସ୍ଥାପତ୍ୟକଳା ଖୁବ୍ ନିପୁଣ। ଆମ ରାଜ୍ୟର ନିର୍ଝରିଣୀ ଠୁ ମନ୍ଦିର ସବୁକିଛି ଅଦ୍ୱିତୀୟ। ଆମ ରାଜ୍ୟର ମାଟିରୁ ସଂଗ୍ରାମର ବାସ୍ନା ଆସେ। ଆଉ ଏହିଠାରୁ ବି ଧର୍ମର ଗୁଣଗାନ ବି ବାରି ହୁଏ। ଆମ ରାଜ୍ୟବାସୀ ପର୍ବପର୍ବାଣିକୁ ଏକ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥାନ୍ତି। ଏଠି ମାଣବାସା ଗୁରୁବାର ହେଉ କି ରଜଦୋଳି ଏସବୁର ପ୍ରାଧାନ୍ୟ ସବୁବେଳେ ଅଧିକ। ତେବେ ପୁରାତନ ଓଡ଼ିଶା ଓ ଏବର ଓଡ଼ିଶା ଭିତରେ ଅନେକ ଫରକ। ଏବେର ଓଡ଼ିଶା ଏକ ବିକଶିତ ରାଜ୍ୟର ସ୍ୱପ୍ନ ନେଇ ଅଗ୍ରସର ହେବାକୁ ଯାଉଛି।

ସରକାରଙ୍କର ଲୋକାଭିମୁଖୀ ପଦକ୍ଷେପ ତଥା ଏବର ଓଡ଼ିଶାର ମାନଚିତ୍ରକୁ ଲକ୍ଷ୍ୟ କଲେ ଆମେ ସହଜରେ ଅନୁମେୟ କରିପାରିବା ଯେ ଓଡ଼ିଶା ନିଶ୍ଚିତ ଭାବରେ ବିକାଶର ପାଦଦେଶରେ। ରାଜ୍ୟରେ ନିଆଯାଉଥିବା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକୁ ଲକ୍ଷ୍ୟ କଲେ ଏବେ ଆମେ ଗର୍ବରେ କହିପାରିବା ଓଡ଼ିଶା ଏକ ବିକଶିତ ରାଜ୍ୟର ରୂପ ନେବା ଦିଗରେ ଅଗ୍ରସର। ଆମେ ଓଡ଼ିଆ, ଭାରି ବଢ଼ିଆ ଉକ୍ତିଟି ଏବେ ଯଥାର୍ଥ ରୂପେ ପ୍ରତିପାଦିତ। ଓଡ଼ିଶା ପରି ଏକ ଶୋଭାମୟୀ ରାଜ୍ୟର ଶାସନ ଦାୟିତ୍ୱକୁ ଦୀର୍ଘ ୨୫ ବର୍ଷ ହେବ ସମ୍ଭାଳି ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବାର ସଂକଳ୍ପ ନେଇ ଆଗେଇ ଚାଲୁଛନ୍ତି ମୁଖ୍ୟମନ୍ତ୍ରୀ। ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ଓଡ଼ିଶାର ମାନଚିତ୍ରକୁ ସୁଦୃଢ଼ କରିବାର ଆଶା ନେଇ ନାନାଦି ପ୍ରକଳ୍ପର ଶୁଭାରମ୍ଭ ବି କରୁଛନ୍ତି। ବିକଶିତ ଓଡ଼ିଶାର ରୂପରେଖକୁ ଜୀବନ୍ୟାସ ଦେବା ଲକ୍ଷ୍ୟରେ ସେ ସତତ ଭାବେ ପ୍ରଚେଷ୍ଟିତ। କିଛି ଦିନ ତଳେ ଜଗନ୍ନାଥଧାମ ପୁରୀର ସୌନ୍ଦର୍ଯ୍ୟକରଣକୁ ଆଖି ଆଗରେ ରଖି ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ବି ନେଇଛନ୍ତି। ପୁରୀ ମନ୍ଦିର ନିକଟସ୍ଥ ସ୍ଥାନକୁ ବେଶସୁନ୍ଦର ଭାବରେ ନବକଳେବର କରିବାର ଚିତ୍ର ବାସ୍ତବରେ ସ୍ୱାଗତଯୋଗ୍ୟ। ଯିଏ କେହି ବି ଏହାର ପ୍ରଶଂସା କରିବାକୁ ବାଧ ହେବ। ଠିକ୍ ସେହିପରି ଏକାମ୍ରକ୍ଷେତ୍ର ପରିଦର୍ଶନରେ ଯାଇ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରର ବିକାଶକୁ ପୁଣି ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ। ଲିଙ୍ଗରାଜ ମନ୍ଦିର ପାଇଁ ନୂଆ ଯାଜନା କରିବାର ପ୍ରତିଶ୍ରୁତି ବି ଦେଇଛନ୍ତି। ନିକଟରେ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଂଚଳର ଜମିକୁ ଲୋକେ ହସ୍ତାନ୍ତର କରି ମନ୍ଦିରର ସୌନ୍ଦର୍ଯ୍ୟ ବି ବୃଦ୍ଧି କରିଥିଲେ। ଠିକ୍ ସେହିପରି ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଇ ଇକୋ ରିଟ୍ରେଟର ଉଦଘାଟନ କରାଯାଇଛି। କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗିବାଡ଼ି ଏବଂ ହୀରାକୁଦଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରଯାଇଛି। ପର୍ଯ୍ୟଟକମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପର୍ଯ୍ୟଟନ ରୂପଚିତ୍ରକୁ ଏକ ନୂତନ ସଂଜ୍ଞା ଦେବା ପାଇଁ ଏହାର ଆରମ୍ଭ ହୋଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବରମୁଣ୍ଡା ବସଷ୍ଟାଣ୍ଡ ପରିଭ୍ରମଣରେ ଯାଇ ୧୮୦ କୋଟି ଟଙ୍କାର ପ୍ରକଳ୍ପ ବି ଘୋଷଣା କରିଛନ୍ତି। ଆଗାମୀ ୧୮ ମାସ ମଧ୍ୟରେ ବରମୁଣ୍ଡା ବସଷ୍ଟାଣ୍ଡର ଚିତ୍ରକୁ ପୂର୍ବ ଭାରତ ମାନଚିତ୍ରରେ ପ୍ରମୁଖ ଟର୍ମିନାଲ ଭାବେ ଯୋଡ଼ିବାର ଲକ୍ଷ୍ୟ ନେଇ କାର୍ଯ୍ୟକରାଯିବାକୁ ମଧ ଘୋଷଣା କରିଛନ୍ତି। ସୁତରାଂ ଅଧୁନା ପ୍ରଗତିର ପାହାଚରେ ଓଡ଼ିଶା।

ଏହା ସହ ଯଦି ଆପଣ ମନ୍ଦିରମାଳିନୀ ଆମ ପ୍ରଦେଶ ଓନିଶଶର କଥା ଲକ୍ଷ୍ୟ କରିବେ ତେବେ ତାରାତାରିଣୀ ମନ୍ଦିରା କୁହନ୍ତୁ କି ସାରଳା ମନ୍ଦିର ଅବା କଟକର ଚଣ୍ଡୀ ମନ୍ଦିର, ଏସବୁର ଆଧୁନିକୀକରଣ କରି ଏହାକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦେବାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସତରେ ପ୍ରଶଂସନୀୟ।

କିନ୍ତୁ କେତୋଟି ପ୍ରମୁଖ ବିଷୟ ଯାହା କି ବିକାଶର ସଂଜ୍ଞାକୁ ଆଉ ଟିକେ ଯଥାର୍ଥ କରିପାରିବ ବୋଲି ମୋର ଆଶା, ସେଗୁଡ଼ିକୁ ଏଠାରେ ଉଲ୍ଲେଖ କରୁଛି। ପ୍ରଥମତଃ କୃଷି ଆମ ରାଜ୍ୟର ମୁଖ୍ୟ ମେରୁଦଣ୍ଡ। ଇଂରାଜୀରେ ଏକ ପ୍ରବାଦ ଅଛି - ଅର୍ଥାତ ଯଦି କୃଷି ଭୁଲ ଦିଗରେ ଗଲା ତେବେ ଆଉ କିଛି ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟ କରିବ ବୋଲି ଆଶା କରିବା ଏକ ଧୃଷ୍ଟତା ହେବ। ସରକାରଙ୍କ ତରଫରୁ ସବୁବେଳେ କୃଷି ପାଇଁ ସ୍ୱତନ୍ତ୍ର ଯୋଜନା ହେଉଛି। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳରେ ଚାଷୀ ମାନଙ୍କୁ ଚାଷ କରିବାକୁ ପ୍ରଶିକ୍ଷଣ ବି ଦିଆଯାଉଛି। କିନ୍ତୁ ଚାଷୀ ମାନଙ୍କ ପାଖରେ ଏ ଯୋଜନା କିପରି ସଠିକ ଭାବରେ ପହଁଚୁ, ତାହା ହିଁ ତର୍ଜମା କରିବାର ବିଷୟ। ରାଜ୍ୟସରକାରଙ୍କ ଦ୍ୱାରା ଚାଷୀଙ୍କ ହିତ ଉଦ୍ଦେଶ୍ୟରେ କାଳିଆ ଯୋଜନା ପ୍ରଣୟନ କରାଗଲା। ଏଥିରେ ଉଲ୍ଲେଖ ରହିଲା କ୍ଷୁଦ୍ର ଓ ଭାଗଚାଷୀ ମାନେ ଏ ଯୋଜନାର ଲାଭାର୍ଥୀ ହେବେ। କିନ୍ତୁ ସମାୟାନୁକ୍ରମେ କାଳିଆ ଯୋଜନାର ଅଯୋଗ୍ୟ ହିତାଧିକାରୀଙ୍କର ଲମ୍ବା ତାଲିକା ଆସିଲା। ପ୍ରକୃତ ଚାଷୀ ଏଥିରୁ ବାଦ ପଡ଼ିଲେ। ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ନୂତନ ପନ୍ଥା ଆପଣଉଛନ୍ତି ସତ କିନ୍ତୁ ଚାଷୀଙ୍କ ମଧ୍ୟରେ ଥିବା ଦଲାଲ ବା ମଧ୍ୟସ୍ଥି ମାନଙ୍କର ଚାଟୁକାରିତା ପାଇଁ ଏସବୁ ପ୍ରକୃତ ହିତାଧିକାରୀଙ୍କଠାରୁ ଦୂରରେ ରହୁଛି। ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାକୁ ଆସୁଛି। ନିଜ ପ୍ରାପ୍ୟ ପାଇଁ ଗୁହାରି କରୁଛି। ଏସବୁକୁ ସରକାର ପ୍ରାଧାନ୍ୟ ଦେବା ଆବଶ୍ୟକ। ଓଡ଼ିଶାରେ ଚାଷୀଙ୍କ ପାଇଁ ବେଶ ନୂତନ ଓ ଅଭିନବ ଯୋଜନା ସବୁ କରାଯାଉଛି। ଏସବୁ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ମଧ୍ୟ।

ଦ୍ୱିତୀୟରେ ନିଯୁକ୍ତିର କଥା । କଥାରେ ଅଛି ଶିକ୍ଷାର ମୟୂଖେ ଫୁଟେ ଚରିତ୍ରର ଶୁଭ୍ର ଶତଦଳ, ଶିକ୍ଷିତ ନର ଏକା ଯା ହିତେ ଦେଶ ପ୍ରାଣ ଚଂଚଳ। ଅର୍ଥାତ ଜଣେ ଶିକ୍ଷିତ ବ୍ୟକ୍ତି ହିଁ ଏ ଦେଶ ସମ୍ଭାଳିବାର ମୁଖ୍ୟ ମଙ୍ଗଧାରୀ। ପିଲାଟିଏ ପାଠ ପଢୁଛି। ଭଲ ମାର୍କ ରଖି ପାସ୍ କରୁଛି। କିନ୍ତୁ ଏବେ ଚାକିରୀ କଥା ଶୁଣିଲେ ପାଟିରୁ କଥା ପଦୁଟିଏ ବାହାରୁନି। ନା ଘରେ ବାପାମାଙ୍କୁ ଉତ୍ତର ଦେଇ ହେଉଛି ନା ପଡ଼ୋଶୀ ସାଙ୍ଗସାଥୀ ମାନଙ୍କୁ। ପ୍ରତିବର୍ଷ ଡ଼ିଗ୍ରୀ ଧରି ପିଲା ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ଠିକ୍ ସ୍ଥାନରେ ଅବସ୍ଥାପିତ ହୋଇପାରୁନାହାନ୍ତି। ସରକାର ପିଲାଙ୍କ ପାଠପଢ଼ା ପାଇଁ ଡ଼ିଜିଟାଲ ସେବା ଆରମ୍ଭ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମେଧାବୀ ବୃତ୍ତି ବି ରଖୁଛନ୍ତି। କିନ୍ତୁ ଏସବୁ ବାଦ୍ ବି ନିଯୁକ୍ତିକ ମୁଖ୍ୟ ଏଜେଣ୍ଡା କରିବା ଆବଶ୍ୟକ। କାରଣ ପିଲାଟିଏ ପାଠ ପଢ଼ିକି ଚାକିରୀ କରିବାର ସ୍ୱପ୍ନ ଦେଖେ। ସମସ୍ତେ ଉଦ୍ୟୋଗୀ ହୋଇପାରିବେ ନାହିଁ। ଏହା ହିଁ ବାସ୍ତବିତ ସତ୍ୟ। ତେଣୁ ନିଯୁକ୍ତି ଉପରେ ଗୁରୁତ୍ୱ ଦେଲେ ବୋଧହୁଏ ଆଜିକାର ଯୁବପିଢ଼ୀ ବେଶ ଉପକୃତ ହୋଇପାରନ୍ତେ। ବେରୋଜଗାର ନହୋଇ ରୋଜଗାରକ୍ଷମ ହୋଇପାରିବେ।

ତୃତୀୟରେ ଯୁବପିଢ଼ୀଙ୍କୁ ସବୁ ନୂଆ କାର୍ଯ୍ୟଶୈଳୀରେ ପ୍ରାଧାନ୍ୟ ଦେବା ଆବଶ୍ୟକ। କାରଣ ଛାତ୍ର ହିଁ ଦେଶର ଭବିଷ୍ୟତ। ଯଦି ଛାତ୍ରଛାତ୍ରୀଙ୍କୁ ନୂଆ ଉଦ୍ୟୋଗ ସୃଷ୍ଟି କରାଇବା ପାଇଁ ପ୍ରବର୍ତ୍ତାଇ ହୁଅନ୍ତା, ତାହେଲେ ହୁଏତ ଦାଦନ ଶବ୍ଦଟି ଆଉ ଶୁଣିବାକୁ ପଡନ୍ତାନି। କାରଣ ସତକଥାଟା ହେଲା ଆମେ ବିନା କଷ୍ଟ ଓ ଶ୍ରମରେ ଝାଳ ନବୁହାଇ ରୋଜଗାର କରିବାକୁ ଚାହୁଁଛୁ। ଅର୍ଥାତ ଆମର ଲକ୍ଷ୍ୟ ହେଲା ଟଙ୍କା ରୋଜଗାର କରିବା। କିନ୍ତୁ ଆମେ ପରିଶ୍ରମ କରିବାନି। ଆମ ପାଖରେ ଜମି ଥିବ କିନ୍ତୁ ଆମେ କାଦୁଅ କ୍ଷେତରେ କାହିଁ ଯେ ଗୋଡ଼ ପଶେଇବୁ। ଏହି ଚିନ୍ତାଧାରା ହିଁ ଆମକୁ ଆଜି ଦାଦନ ଖଟିବାକୁ ବାଧ୍ୟ କରିଛି। ସରକାରଙ୍କ ତରଫରୁ ଏହି ଉଦ୍ୟୋଗୀକରଣ ଦିଗରେ ଅଧିକ ଫୋକସ୍ ଦିଆଗଲେ ହୁଏତ ଲୋକେ ଏହାକୁ କିଛି ପରିମାଣରେ କାର୍ଯ୍ୟରେ ଉପଯୋଗ କରିପାରନ୍ତେ। କାରଣ ଆମର ଗୋଟିଏ ପୁରୁଣା ମନୋବୃତ୍ତି ଯାହା ଏବେ ବି ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଏ ତାହା ହେଲା- 'ଆରେ ସେ ତ ଜମିରେ ଧାନ କରି ଏତେ ଅମଳ ପାଇଲା, ଆମେ କାହିଁ ଚିନାବାଦାମ କରିବା ?, ଚାଲ ଆମେ ବି ଆର ବର୍ଷ ଧାନ ହିଁ କରିବା। ଏ ଚିନାବାଦାମର ମୂଲ୍ୟ ନାହିଁ।' କିନ୍ତୁ ସେ ଲୋକଟି ଭୁଲିଯାଇଥାଏ ଯେ ସେ ଚିନାବାଦାମ ଚାଷର ଯତ୍ନ ନେଇନାହିଁ ବୋଲି ଅମଳ ପାଇନି। କହିବାର ଉଦ୍ଦେଶ୍ୟ ଯଦି ଅମେ ଉଦ୍ୟୋଗୀ ହେବା ପାଇଁ ସ୍ୱପ୍ନ ଦେଖିବା ତାହେଲେ ଯାଇ ଉଦ୍ୟୋଗୀ ହୋଇପାରିବା, ଏକଥାରେ ବସି ରହିଗଲେ ହେବନାହିଁ। ଏସବୁ ପାଇଁ ଝାଳ ବୁହାଇବାକୁ ପଡ଼ିବ। କଷ୍ଟ କରିବାକୁ ହେବ। ସୁତରାଂ ସରକାରଙ୍କ ତରଫରୁ ଏ ଦିଗରେ ଯଥୋଚିତ ବ୍ୟବସ୍ଥା କରାଗଲେ ନିଶ୍ଚିତ ଭାବରେ ସୁଫଳ ମିଳିପାରିବ ବୋଲି ଆଶା।

ମୋ ଓଡ଼ିଶା - ଏବେ ବିକଶିତ। ଏହା ଏବେ ଆମେ ଗର୍ବରେ କହିପାରିବା। କିନ୍ତୁ ଏ ବିକାଶର ରଥକୁ ଅଧିକ ଅଧିକ ଶାଣିତ କରିବାର ସମୟ ଆସିଛି। ଏ ବିକାଶର ଶବ୍ଦକୁ ଆହୁରି ଦକ୍ଷ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ପରିଚିତ କରିବାର ସଂକଳ୍ପ ନେଇ କାମ କରିବାକୁ ହେବ। ଏହାକୁ ସମସ୍ତେ ଏକ ଆହ୍ୱାନ ଭାବି କାର୍ଯ୍ୟକରିବା ଆବଶ୍ୟକ।

ବାସୁଦେବପୁର, ଭଦ୍ରକ,
ମୋ- ୯୪୩୮୪୬୭୦୭୯

## ଆଧୁନିକ ସମାଜରେ ଶିକ୍ଷାର ଗୁରୁତ୍ୱ



ଶ୍ରୀବତ୍ସ ନାୟକ

ବିଶ୍ୱ ନିୟନ୍ତାଙ୍କ ସୃଷ୍ଟି ହେଉଛି ସୁନ୍ଦର ଏବଂ ଅମୃତମୟ। ତାଙ୍କ ସୃଷ୍ଟିରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ପ୍ରାଣୀ। ବିଶ୍ୱ ନିୟନ୍ତା ମଣିଷ ଦେହରେ ଜ୍ୟୋତି, କାନ୍ତି, ମହକ, ଜ୍ଞାନ ଭରି ଦେବା ସହ, ବୁଝିବାର ଶକ୍ତି, ବିଚାର କରିବାର ଦକ୍ଷତା ଆଦି ଅନେକ ଗୁଣର ଅଧିକାରୀ କରିଛନ୍ତି ମଣିଷକୁ । ମଣିଷର ହୃଦୟକୁ ଜ୍ଞାନ, ବୁଦ୍ଧି ଓ ବିବେକରେ ପରିପୂର୍ଣ୍ଣ କରିଛନ୍ତି । ଏହି ସବୁ ବଳରେ ବଳୀୟାନ ହୋଇ ସମାଜର ସମଗ୍ର ଜୀବ ଜଗତରେ ନିଜର ଆଧିପତ୍ୟକୁ ଜାହିର କରିଚାଲିଛି ମଣିଷ। ଯାହା ଭଗବାନ ମଣିଷକୁ ଦେଇଛନ୍ତି ତାହା କୌଣସି ପ୍ରାଣୀଙ୍କୁ ଦେଇନାହାନ୍ତି । ଦିନକୁ ଦିନ ଏ ସବୁର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଚାଲିଛି ମଣିଷ। ସମୟ ଥିଲା ମଣିଷ ବଣ ଜଙ୍ଗଲରେ ରହୁଥିଲା, ନିଆଁର ବ୍ୟବହାର କଣ ଜାଣିନଥିଲା, ସମାଜ ବିଷୟରେ ଥିଲା ସମ୍ପୂର୍ଣ୍ଣ ଅଜ୍ଞ, ବିଦ୍ୟା ତାର କଳନାର ବାହାରେ ଥିଲା, ଉଲଗ୍ନ ହୋଇ ବୁଲୁଥିଲା, କଞ୍ଚା ମାଂସ ଭକ୍ଷଣ କରୁଥିଲା, ଜଂଗଲୀ ଜୀବନ ବିତାଉ ଥିଲା କିନ୍ତୁ ଆଜି ସମୟ ବଦଳି ଯାଇଛି। ଆଜିର ମଣିଷ ଆକାଶରେ ଉଡୁଛି, ପାଣିରେ ବୁଡୁଛି, ଚନ୍ଦ୍ର ପୃଷ୍ଠ ଭ୍ରମଣ କରୁଛି, ନୂତନତ୍ୱର ସନ୍ଧାନ ରେ ମତୁଆଲା, ବିଜ୍ଞାନରାଣୀର କାଉଁରୀ କାଠି ସ୍ପର୍ଶରେ ଆଧୁନିକତାକୁ ଆପଣାଇ ନେଇଛି, ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାର କରୁଛି, ବିଜ୍ଞାନର ଗ୍ରାହକ ସାଜି ଦିନକୁ ଦିନ ସୃଷ୍ଟି କରି ଚାଲିଛି ନୂଆ ନୂଆ ଜିନିଷ।ଏହା ଦିନକର କିମ୍ବା ମାସକର ନୁହେଁ । ଏହା ଏକ ଯୁଗର। ପ୍ରାଗ୍ ଐତିହାସିକ ଯୁଗର ମଣିଷକୁ ଆଣି ପରମାଣୁ ସଭ୍ୟତାର ଯୁଗରେ ପହଞ୍ଚାଇବା ପଛରେ ଏକ ଅଦୃଶ୍ୟ ଶକ୍ତିର ଭୂମିକା ଅବର୍ଣ୍ଣନୀୟ। ସେଇ ଅଦୃଶ୍ୟ ଶକ୍ତି ହେଉଛି 'ବିଦ୍ୟା' ବା 'ଶିକ୍ଷା' । କୌଣସି ଜିନିଷ ବିଷୟରେ ଜାଣିବା ବା ଜ୍ଞାନାର୍ଜନ କରିବାକୁ ବିଦ୍ୟା କୁହାଯାଏ। ଯିଏ ଏହି ବିଦ୍ୟାକୁ ଆହୋରଣ କରି ଜ୍ଞାନ ଅର୍ଜନ କରେ ତାର ଜୀବନ ସେତେ ଶୃଙ୍ଖଳିତ ହୁଏ। ବ୍ୟକ୍ତିର ଜୀବନଟି ଶୃଙ୍ଖଳିତ ହେଲେ ଏକ ଜାତି, ଦେଶ, ସଭ୍ୟତା ଓ ସଂସ୍କୃତିର ସୁରକ୍ଷା ହୁଏ । ଏକ ଉତ୍ତମ ରାଷ୍ଟ୍ର ତଥା ଉନ୍ନତ ସମାଜ ଗଠନ କରିବାରେ ଏହି ଅଦୃଶ୍ୟ ଶକ୍ତି(ବିଦ୍ୟା)କୁ ଅଧ୍ୟୟନ କରି ଯଥାଚିତ ଜ୍ଞାନ ଅର୍ଜନ କରିବା ନିହାତି ଜରୁରୀ । ଶିକ୍ଷା ଯେପରି ବାହ୍ୟ ଜଗତର ଉନ୍ନତି ସାଧିତ କରାଇଥାଏ ଠିକ୍ ସେହିପରି ଅନ୍ତଃ ଜଗତର ମଧ ବିକାଶ ଘଟାଇ ଥାଏ। ପଞ୍ଚ ଇନ୍ଦ୍ରିୟର ସଂଯମତା କ୍ଷେତ୍ରରେ ଏହି ଶିକ୍ଷା ମହୌଷଧି ଭାବେ କାର୍ଯ୍ୟ କରେ। ପଞ୍ଚ ଇନ୍ଦ୍ରିୟକୁ ସଞ୍ଜମ କରି ମଣିଷ ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ ହୋଇ ନିଜର ଶ୍ରେଷ୍ଠତ୍ୱକୁ ଜାହିର କରିଛି । ଇନ୍ଦ୍ରିୟକୁ ନିୟନ୍ତ୍ରଣ କରି ନପାରିଲେ ମନୁଷ୍ୟ ପଶୁତୁଲ୍ୟ ହୋଇ ଉଠେ । ଇନ୍ଦ୍ରିୟକୁ ନିୟନ୍ତ୍ରଣ ନକରି ଇନ୍ଦ୍ରିୟ ଦ୍ୱାରା ପରିଚାଳିତ ମଣିଷର ଜୀବନ ଶୈଳୀ ପଶୁ ପରି ହୋଇଥାଏ । ତେଣୁ ଶିକ୍ଷା, ମଣିଷର ଅନ୍ତଃ ଜଗତରେ ଏକ ବ୍ୟାପକ ପରିବର୍ତନ ଘଟାଇ ତାକୁ ଧୀରେ ଧୀରେ ମଣିଷତ୍ୱର ଚରମ ସୋପାନ ଆଡ଼କୁ ନେଇଯାଏ । ମଣିଷ ପକ୍ଷେ ଶିକ୍ଷା ହିଁ ଅମୃତ। ଗ୍ରୀକ୍ ଦାର୍ଶନିକଙ୍କ ମତରେ 'ଜୀବିତ ଯେପରି ମୃତ୍ୟୁ ଠାରୁ ଶ୍ରେୟସ୍କର, ସେହିପରି ଶିକ୍ଷିତ ବ୍ୟକ୍ତି ଅଶିକ୍ଷିତ ବ୍ୟକ୍ତି ଠାରୁ ଶ୍ରେୟସ୍କର'। ଉପନିଷଦ ଅନୁସାରେ ଶିକ୍ଷା ଦ୍ୱାରା ଅମୃତ ପ୍ରାପ୍ତ ହୁଏ । ଏହାର କେବେ ପରିସମାପ୍ତି ହୁଏ ନାହିଁ। ଏହା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା । ବ୍ୟକ୍ତିଟି ଜନ୍ମ ଲାଭ କଲାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାର ଶିଖିବା କାର୍ଯ୍ୟ ଜାରି ରଖିଥାଏ। ଶିକ୍ଷା ହିଁ ଜୀବନ ଓ ଜୀବନ ହିଁ ଶିକ୍ଷା। ଶିକ୍ଷା ବିନା ଜୀବନ ପୁଷ୍ପ ବିନା ଉଦ୍ୟାନ ସହ ସମାନ । ସାଂପ୍ରତିକ ପରିସ୍ଥିତିରେ ମଣିଷ ଯାହା କିଛି କରିପାରିଛି ତାହାର ପ୍ରଚ୍ଛଦ ପଟରେ ରହିଛି ଶିକ୍ଷା । ଶ୍ରୀମଦ୍ ଭାଗବତ ଗୀତା ଅନୁସାରେ ଶିକ୍ଷା ବା ଜ୍ଞାନଠାରୁ ପୁଣ୍ୟ ଏ ସଂସାରେ କିଛି ନାହିଁ। ଜ୍ଞାନ ଅର୍ଜନ କରିବା ପାଇଁ ମଣିଷ ଯେଉଁ ଶିକ୍ଷା ଲାଭ କରେ ତାହା ଠାରୁ ବଳି ବଡ ପୁଣ୍ୟ ଆଉ କଣ ବା ହୋଇ ପାରେ। ଏହି ଜ୍ଞାନ ଆହୋରଣ ପରେ ପୁନଶ୍ଚ ଶିକ୍ଷା ମାଧ୍ୟମରେ ଜ୍ଞାନ ସୁ-ଆବଣ୍ଟନ କରି ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନର ପ୍ରଦୀପ ଜାଳିବା ଉଚିତ।

ଶିକ୍ଷାର ଅର୍ଥ ନୁହେଁ କି ଜଣେ କେତେ ଭଲ ପଢିପାରିବ କି ଲେଖିପାରିବେ ବରଂ ଏହା ମାଧ୍ୟମରେ ଏକ ବ୍ୟକ୍ତି ତାର ଆଖପାଖ ଜଗତ ସହିତ ଯୋଗାଯୋଗ କରିପାରିବ। ଏକ ଭଲ ଶିକ୍ଷା କେବଳ କୌଶଳ ଶିଖାଏ ନାହିଁ ବରଂ ବ୍ୟକ୍ତିର ରାଶି ବିସ୍ତାର କରିବାରେ, ଉନ୍ନତ ଦୃଷ୍ଟିକୋଣ ହାସଲ କରିବାରେ ସାହାଯ୍ୟ କରେ ଏବଂ ବ୍ୟକ୍ତିକୁ ନିଜ ପାଇଁ ଚିନ୍ତା କରିବାକୁ ଶିଖାଏ । ଆଜିକାଲି ଲୋକମାନେ ସାମାଜିକ ଅନ୍ୟାୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ବିଷୟରେ କହିବା ପାଇଁ ଅତ୍ୟନ୍ତ ସଚେତନ ଅଟନ୍ତି । ଏହା ସମଗ୍ର ବିଶ୍ୱରେ ଶିକ୍ଷାର ବର୍ଦ୍ଧିତ ପ୍ରବେଶକୁ ଦାୟୀ କରାଯାଇପାରେ, ଯାହା ପରବର୍ତ୍ତୀ ସମୟରେ ସମାଜକୁ ଅଧିକ ଗ୍ରହଣୀୟ ଏବଂ ଖୋଲା ମନୋଭାବରେ ପରିଣତ କରିଛି । ତେଣୁ, ଶିକ୍ଷା ହେଉଛି ମାନବ ବିବର୍ତ୍ତନର ଏକ ଉପାଦାନ । ଅନ୍ୟ ପକ୍ଷରେ ଦେଖିଲେ ସୃଜନଶୀଳତା ଏବଂ ନବସୃଜନ କ୍ଷେତ୍ରରେ ଶିକ୍ଷାର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ଭଲ ଶିକ୍ଷା ଏକ ବ୍ୟକ୍ତିକୁ ନିଜର ଶକ୍ତି ଚିହ୍ନିବାରେ ସାହାଯ୍ୟ କରେ, ଅନୁସନ୍ଧାନ କରିବାର ସୁଯୋଗ ଦେଇଥାଏ, ପରିବେଶ ଏବଂ ବ୍ୟକ୍ତିକୁ ଜଗତର ମାର୍ଗ ବୁଝିବା ପାଇଁ ଶକ୍ତି ଦେଇଥାଏ ଫଳରେ ଜଣେ ବ୍ୟକ୍ତିର ମନ ଏବଂ ଚିନ୍ତାଧାରାକୁ ଆଲୋକିତ କରେ । ଏକ କ୍ଷେତ୍ରରେ ଶିକ୍ଷା ରହିବା ଲୋକମାନଙ୍କୁ ଭାବିବାରେ, ଅନୁଭବ କରିବାରେ ଏବଂ ଆଚରଣ କରିବାରେ ସାହାଯ୍ୟ କରେ ଯାହା ସେମାନଙ୍କର ସଫଳତା ପାଇଁ ସହାୟକ ହୋଇଥାଏ ଏବଂ କେବଳ ସେମାନଙ୍କର ବ୍ୟକ୍ତିଗତ ସନ୍ତୁଷ୍ଟି ନୁହେଁ ବରଂ ସେମାନଙ୍କ ସମ୍ପ୍ରଦାୟରେ ମଧ ଉନ୍ନତି ଆଣିଥାଏ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ତୁମେ ପାରିବ ତ ?

**ବର୍ଷାରାଣୀ ମହାମଲ୍ଲିକ**



ବହୁତ ଦୂରକୁ ଚାଲିଯିବି ମୁଁ
ତୁମେ ରହିପାରିବ ତ ?
ମୁଁ କାନ୍ଦି ରହିପାରିବି
ତୁମେ ମୋ ବିନା ହସି ପାରିବ ତ ?
ମୁଁ ହାରିଯିବି
ତୁମେ ଜିତି ପାରିବ ତ ?
ମୁଁ ଏକାକୀ ରହିଯିବି
ତୁମେ ଏକା ରହିପାରିବ ତ ?
ମୁଁ ଅପମାନ ଅପବାଦ ସହିଯିବି
ତୁମେ ସୁଧୁରି ଯିବ ତ ?
ମୁଁ ନୀରବ ରହିଯିବି
ତୁମେ ଚୁପ୍ ରହିପାରିବ ତ ?
ମୁଁ ଭୁଲିଯିବି
ତୁମେ ଭୁଲି ପାରିବ ତ ?
ମୁଁ ଭାଙ୍ଗିଯିବି
ତୁମେ ମଜବୁତ ହୋଇପାରିବ ତ ?
ମୁଁ ଚେଇଁ ଥିବି
ତୁମେ ଶୋଇପାରିବ ତ ?
ମୁଁ ତୁଚ୍ଛ ହୋଇସାରିଛି
ତୁମେ. ସ୍ୱତନ୍ତ୍ର ହୋଇ ପାରିବ ତ ?
ମୋର ସଂସ୍କାର ନାହିଁ
ତୁମେ ସଂସ୍କାରୀ ହୋଇପାରିବ ତ ?
ମୁଁ କଳଙ୍କିନୀ
ତୁମେ ପବିତ୍ର ହୋଇପାରିବ ତ ?
ମୁଁ ବାଜେ ଝିଅ
ତୁମେ ସୁନାପୁଅ ହୋଇପାରିବ ତ ?
ମୁଁ ଦୁଃଖେ ଥିଲେ
ତୁମେ ସୁଖରେ ରହିପାରିବ ତ ?
ମତେ କଷ୍ଟ ହେଲେ
ତୁମକୁ ଯନ୍ତ୍ରଣା ହେବନି ତ ?
ମୁଁ କାନ୍ଦିଲେ
ତୁମ ଛାତିରେ ଆଘାତ ଲାଗିବନି ତ ?
ମୁଁ ମରିଯିବି
ତୁମେ ବଞ୍ଚିପାରିବ ତ ?

ଜିଲ୍ଲା :ବରଗଡ଼
ମୋ: ୮୨୬୦୬୫୯୩୩୨

### ମିଠା ସମ୍ପର୍କ

**ପୁଷ୍ପାଞ୍ଜଳି ପଣ୍ଡା**



ତୁମେ
କହିନାହିଁ କେବେ
ଭଲପାଅ କେତେ
କେତେ ଚାହୁଁ ଅଛ ମତେ
ମୁଁ ଦେଇ ନାହିଁ କେବେ
ଗୋଲାପି ଗୋଲାପ
ସାହସ ରେ ତୁମ ହାତେ ।

ପ୍ରେମ ପରା ଏକ
ଜଟିଳ ଗଣିତ
ସମୟ ବୁଝାଇ ଦିଏ
ଦେହ ଦାହ ଛାଡି
ମଶାଣୀ କଉଡ଼ି
ଫଳାଫଳ କହୁଥାଏ ।

ତମ ହସ ମୁହଁ
ଅୟୁତ ସ୍ୱପ୍ନ ର
ମହକିତ ଦେହ ବାସ୍ନା
ସପନ ହେଇଛି
ତଥାପି କରିଛ
ସମର୍ପଣ, ନିରାଜନା ।

ପ୍ରେମ ର ଫଲଗୁ
ଧାରା ଗଢ଼ି ନାହିଁ
ସମ୍ଭୋଗ ର ଉତ୍ତରଣ
ହୋଇନାହିଁ କେବେ
ଦବା ଆଉ ନବା
ଶିହରିତ ପାରବଣ ।

ତଥାପି ତୁମକୁ
ଆଖି ବୁଜି ଦେଖେ
ମନରେ ସଜାଏ ନିତି
ଅସଜଡା ତୁମ
ଚୂର୍ଣ୍ଣ କୁନ୍ତଳ କୁ
ସ୍ପର୍ଶ କରେ ନିତି ନିତି ।

କହିକି ପାରିବି..!!
ଦେଇ କି ପାରିବି..!!
ଏଇ ସମ୍ପର୍କର ନାମ , ?
ଦଗ୍ଧ ଅପରାହ୍ନ
ଜୀବନେ ସାୟାହ୍ନ
ଏ ମିଠା ସମ୍ପର୍କ ଆମ ।

କେନ୍ଦ୍ରାପଡ଼ା

### ଶୁଭବେଳା ଯାଏ ଗଡ଼ି

**ନୀଳମଣି ଚାନ୍ଦ**



ଶୁଭ ବେଳା ଯାଏ ଗଡ଼ି
ପ୍ରୀତିପଦ୍ମା ଆସ
ତୁମକୁ ଦେଖି ସମୟ
କରେ ଉପହାସ।
ରହିରହି ବାଜୁଅଛି
ଆଜି ସାହାନାଇରେ
ବଦୀ ପରେ ଦ୍ୱିଜ ମନ୍ତ୍ର
ଧ୍ୱନି ଶୁଭୁଥାଇ।
ଆଉ ବାଜେ ଶୁଭ ଶଂଖ
ସିନା ରହିରହି
ପଡିଲାଣି ହୁଳହୁଳି
ଆସ ଧୀରେ ନଇଁ।
ନବବଧୂ ବେଶ ସାଜି
ଯିବ ଶାଶୁଘର
ପ୍ରିୟଜନ ପିତା ମାତା
ହୋଇଯିବେ ପର।
କହନ୍ତି ଦୁହିତା ଦୁଇ
କୁଳକୁ ସେ ହିତା
ବଧୂ ହୋଇ ହୁଅ ତୁମେ
ଯେ ଜଗତଜିତା ।
ଗଢିବ ନୂଆ ସଂସାର
ଆଜି ସେଇ ଦିନ
ଇଏ ତ ଶୁଭ ବିବାହ
ଦେଖ କେତେ ସ୍ୱପ୍ନ।
ଅଗ୍ନିକୁ ରଖିକି ସାକ୍ଷୀ
ଏ ପାଣିଗ୍ରହଣ
ଜୀବନ ସାଥୀକୁ କରି
ନେବ ଯେ ବରଣ।
ଶୁଭ ବେଳା ଯାଏ ଗଡ଼ି
ଆସ ପ୍ରୀତିପଦ୍ମା
ଭାବିବନି ଏ ଅଳିକ
ଜୀବନରେ ଜମା।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୬

### ପହିଲି ଫଗୁଣ

**ପୁଷ୍ପଲତା ମିଶ୍ର**

ମଳୟ ମାହେନ୍ଦ୍ର କରୁଛି ସ୍ୱାଗତ
ଫଗୁଣର ଆବାହନୀ,
ଆମ୍ବ ବଉଳର ମହ ମହ ବାସ
ବସନ୍ତର ଆଗମନୀ ।

ଋତୁ ରାଜଙ୍କର ଶୁଭ ଆଗମନ
ପ୍ରଦୋଷର ଶୁଭା ଶୁଭ,
ଆମ୍ବ ତୋଟା ମାଳେ କୋକିଳ ଗାଉଛି
ପ୍ରୀତିର ମହକ ରାଗ ।

ଗିରି ଉପବନେ କୁସୁମ ଶୋଭିତ
ସରଗର ମନ ଲୋଭା,
ଦୋଳ ବିମାନରେ ଝୁଲି ଝୁଲି ଆସେ
ଦୁର୍ଲ୍ଲଭ ଦର୍ଶନ ପ୍ରଭା ।

ସପ୍ତ ରଙ୍ଗେ ଫଗୁ ଖେଳି ରାଧା କୃଷ୍ଣ
ପାଳନ୍ତି ରଙ୍ଗ ପରବ,
ପ୍ରେମର ଉତ୍ସବ ସୁଖର ବିଭବ
ଭାଇ ଚାରା ବନ୍ଧୁ ଭାବ ।

ଧରମର ଜୟ ହୁଏ କାଳେ କାଳେ
ଉଡ଼େ ଧରମ ପତାକା,
ହୋଲିକା ଦହନ ଶୁଭ ବାର୍ତ୍ତା ଦିଏ
ରହିଛି ପୁରାଣ ଗାଥା ।

ଭୁବନେଶ୍ୱର
ମୋ: ୯୩୪୮୨୯୪୬୫୭

# ଏହି ୪ ରାଶିର ବ୍ୟକ୍ତି ସୁନା ଧାରଣ କଲେ ମିଳିଥାଏ ଶୁଭଫଳ

ଭାରତୀୟ ସମାଜରେ ସୁନା ପ୍ରତି ଏକ ଅଲଗା ଆକର୍ଷଣ ରହିଛି । ବାସ୍ତୁଶାସ୍ତ୍ରରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେହିପରି ଗ୍ରହ ଦୋଷ କାଟିବା ପାଇଁ ଦେବୀ-ଦେବତାଙ୍କୁ ମଧ୍ୟ ସୁନା ଦାନ କରାଯାଇଥାଏ । ତେବେ ବାସ୍ତୁ ଅନୁସାରେ ଚାରୋଟି ରାଶିର ଲୋକେ ସୁନା ଅଳଙ୍କାର ପିନ୍ଧିଲେ ବିଶେଷ ଭାବେ ଲାଭବାନ ହୋଇଥା'ନ୍ତି । ସେମାନଙ୍କୁ ଏହା ଶୁଭ ଫଳ ଦେଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସେହି ଚାରୋଟି ରାଶି ସଂପର୍କରେ...

ସିଂହ ରାଶି : ବାସ୍ତୁ ଅନୁସାରେ ଏହା ହେଉଛି ଅଗ୍ନି ତତ୍ତ୍ୱର ରାଶି । ଏହାର ସ୍ୱାମୀ ସୂର୍ଯ୍ୟଙ୍କ ସହିତ ସୁନାର କାରକ ଗୁରୁ ଗ୍ରହର ମିତ୍ର ଭଳି ସଂପର୍କ ରହିଥାଏ । ତେଣୁ ଏହି ରାଶିର ବ୍ୟକ୍ତିମାନେ ସୁନା ଅଳଙ୍କାର ପିନ୍ଧିଲେ ଭଲ । ଅତିକମ୍‌ରେ ଆଙ୍ଗୁଠିରେ ସୁନା ମୁଦିଟିଏ ପିନ୍ଧିଲେ ବି ଶୁଭଫଳ ପ୍ରାପ୍ତି ହୁଏ ।

କନ୍ୟା ରାଶି : ଏହି ରାଶିର ଲୋକଙ୍କ ଇଚ୍ଛା ପୂରଣ କରିବାରେ ସୁନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସୁନା ଧାରଣ କରିବା ଦ୍ୱାରା ଏହି ରାଶିର ବ୍ୟକ୍ତିଙ୍କୁ ଧନ, ସମ୍ପତ୍ତି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

ସୁନା-ରୂପା କିଣିବାକୁ ଥିବା ଲୋକମାନଙ୍କ ପାଇଁ...

ତୁଳା ରାଶି : ସୁନା ମୁଦି, ଚେନ୍ ଆଦି ପିନ୍ଧିଲେ ଏହି ରାଶି ଲୋକଙ୍କ ଭାଗ୍ୟରେ ପରିବର୍ତ୍ତନ ହୋଇଥାଏ ବୋଲି କୁହାଯାଏ । ରୋଗ ଓ ଶତ୍ରୁଙ୍କଠାରୁ ବି ସୁରକ୍ଷା ମିଳେ । ସୁନାର ଅନ୍ୟାନ୍ୟ ଆଭୂଷଣ ଅପେକ୍ଷା ଆଙ୍ଗୁଠିରେ ସୁନା ମୁଦି ପିନ୍ଧିଲେ ଏହି ରାଶିର ଲୋକଙ୍କୁ ବିଶେଷ ଫଳପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ ।

ଧନୁ ରାଶି : ବାସ୍ତୁ ଅନୁସାରେ ଧନୁ ରାଶିର ବ୍ୟକ୍ତିମାନେ ସୁନାର ଆଭୂଷଣ ଧାରଣ କଲେ ସବୁ କାର୍ଯ୍ୟ ଶୀଘ୍ର ହୋଇଥାଏ । କିନ୍ତୁ ଏହି ରାଶିର ବ୍ୟକ୍ତିମାନେ ପାଦରେ କୌଣସି ସୁନା ଆଭୂଷଣ ଧାରଣ କରିବା ଉଚିତ ନୁହେଁ ।



# ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ କୋଲେଷ୍ଟ୍ରଲର ଲକ୍ଷଣ: ଆଗରୁ ହୁଅ ସାବଧାନ

ହାଇ କୋଲେଷ୍ଟ୍ରଲ ସର୍ବଦା ଆମ ସ୍ୱାସ୍ଥ୍ୟର ଶତ୍ରୁ ଭାବରେ ବିବେଚନା କରାଯାଏ କାରଣ ଏହା ଅନେକ ରୋଗର ମୂଳ । ଏହା ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ, କରୋନାରୀ ଧମନୀ ରୋଗ ଏବଂ ଟ୍ରିପଲ୍ ଭେସଲ ରୋଗର ବିପଦ ସୃଷ୍ଟି କରିଥାଏ, ଅତି ଖରାପ ଅବସ୍ଥାରେ, ଯେକୌଣସି ମଣିଷର ମୃତ୍ୟୁ ମଧ୍ୟ ହୋଇପାରେ । ହେଲେ ଏହାର ମାନେ ଏହା ନୁହେଁ ଯେ ପ୍ରତ୍ୟେକ କୋଲେଷ୍ଟ୍ରଲ ଖରାପ, ଭଲ କୋଲେଷ୍ଟ୍ରଲ ସାହାଯ୍ୟରେ ଆପଣଙ୍କ ଶରୀରରେ ସୁସ୍ଥ କୋଷ ଗଠନ ହୁଏ, ଯେତେବେଳେ ଖରାପ କୋଲେଷ୍ଟ୍ରଲ ପରିମାଣ ବଢ଼େ ତେବେ ସତର୍କ ରହିବା ଜରୁରୀ । ଏହି ଅବସ୍ଥାର ଲକ୍ଷଣ ସାଧାରଣତଃ ଦୃଶ୍ୟମାନ ହୁଏ ନାହିଁ, ଏହା ଲିପିଡ ପ୍ରୋଫାଇଲ୍ ପରୀକ୍ଷା ମାଧ୍ୟମରେ ଚିହ୍ନଟ ହୁଏ । ଯଦିଓ, ଶରୀରର କିଛି ଅଙ୍ଗରେ ଯନ୍ତ୍ରଣା ହୁଏ, ତେବେ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା କରିବା ଉଚିତ୍ ।

***କେତେ ଖରାପ କୋଲେଷ୍ଟ୍ରଲ କ୍ଷତି :***

ଯେତେବେଳେ ରକ୍ତରେ କୋଲେଷ୍ଟ୍ରଲ୍ର ସ୍ତର ବଢ଼େ ଧମନୀରେ ଅବରୋଧ ଆରମ୍ଭ ହୁଏ, ଯେଉଁ କାରଣରୁ ହୃଦୟରେ ପହଞ୍ଚିବା ପାଇଁ ରକ୍ତକୁ ବହୁ ପରିଶ୍ରମ କରିବାକୁ ପଡ଼େ, ଏପରି ପରିସ୍ଥିତିରେ ହୃଦଘାତର ଆଶଙ୍କା ବଢ଼ିଯାଏ । ତେଣୁ, ଏହା ବୃଦ୍ଧି ହେବା ପୂର୍ବରୁ ଏହାକୁ ବନ୍ଦ କରିବା ଉଚିତ୍ । ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ

***କୋଲେଷ୍ଟ୍ରଲର ଲକ୍ଷଣ :***

ଯେତେବେଳେ ରକ୍ତରେ ଖରାପ କୋଲେଷ୍ଟ୍ରଲ୍ର ସ୍ତର ବଢ଼େ, ସେତେବେଳେ ତୁମର ଜଙ୍ଘ, ପିଠି ଓ ମାଂସପେଶୀରେ ତୀବ୍ର ଯନ୍ତ୍ରଣା ହୁଏ, ଯାହା ଦ୍ୱାରା କଷ୍ଟ ହୁଏ । ଧମନୀରେ ଅବରୋଧ ହେତୁ ରକ୍ତ କେବଳ ହୃଦୟକୁ ନୁହେଁ ବରଂ ଶରୀରର ଅନ୍ୟ ସ୍ଥାନକୁ ମଧ୍ୟ ଯିବାରେ ଅସୁବିଧା ହୋଇଥାଏ ।



ବିଶେଷକରି ଗୋଡରେ ରକ୍ତ ପ୍ରବାହ ସଠିକ୍ ଭାବରେ ହୁଏନାହିଁ, ଏହି କାରଣରୁ ଏହି ଅଙ୍ଗରେ ଅମ୍ଳଜାନର ଅଭାବ ରହିଥାଏ, ଯେଉଁ କାରଣରୁ ଯନ୍ତ୍ରଣା ହୁଏ । ଏହି ସମସ୍ୟାକୁ ପେରିଫେରାଲ୍ ଧମନୀ ରୋଗ କୁହାଯାଏ ।

***ତୁରନ୍ତ ରକ୍ତ ପରୀକ୍ଷା କରନ୍ତୁ :***

ଜଙ୍ଘ, ପିଠି ଓ ମାଂସପେଶୀରେ ପ୍ରବଳ ଯନ୍ତ୍ରଣା ହେତୁ ଆପଣଙ୍କୁ ଚାଲିବା, ସାଧାରଣ ଶାରୀରିକ କାର୍ଯ୍ୟକଳାପ ଏବଂ ପାହାଚ ଚଢ଼ିବାରେ ଅସୁବିଧା ହୋଇପାରେ, ତେଣୁ ଏହି ପରିସ୍ଥିତିରେ କୋଲେଷ୍ଟ୍ରଲ ସ୍ତର ଯାଞ୍ଚ କରିବା ପାଇଁ ଆପଣଙ୍କୁ ଲିପିଡ ପ୍ରୋଫାଇଲ୍ ପରୀକ୍ଷା କରିବା ଉଚିତ୍ ।

***ଏପରି ଲକ୍ଷଣ ପାଦରେ ମଧ୍ୟ ଦେଖାଯାଏ :***

୧. ପାଦ ଏବଂ ପାଦ ତଳେ ଅତ୍ୟଧିକ ଯନ୍ତ୍ରଣା ହେବା ।
୨. ପାଦର ଅସ୍ଥିରତା ।
୩. ପାଦ ଥଣ୍ଡା ହୋଇଯିବା ।
୪. ପାଦ ହଳଦିଆ ହୋଇଯିବା ।
୫. ଆଙ୍ଗୁଠିରେ ଯନ୍ତ୍ରଣା ହେବା ।
୬. ଗୋଡରେ ଦୁର୍ବଳତା ଅନୁଭବ ହେବା ।
୭. ପାଦର ଚର୍ମର ରଙ୍ଗରେ ପରିବର୍ତ୍ତନ ହେବା ।



# ଭାରତର ସବୁଠୁ ଧିମା ରେଳଗାଡ଼ି



ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଖେଳନା ଟ୍ରେନ୍‌ଗୁଡ଼ିକର ବିଶେଷ ଆକର୍ଷଣ ରହିଥାଏ । ସେଥିରେ ଯାତାୟାତ କରିବା ବ୍ୟତୀତ ତାହା ସୁଡ଼ଙ୍ଗ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଗତି କରୁଥିବାରୁ ପର୍ଯ୍ୟଟକମାନେ ଯାତ୍ରାର ମଜା ଉଠାଇଥା'ନ୍ତି । ଆଉ ଏକ ମଜା କଥା ହେଲା, ଏହି ଖେଳନା ଟ୍ରେନ୍‌ଗୁଡ଼ିକ ଖୁବ୍ ଧୀରେ ଧୀରେ ଗଡ଼ିଥା'ନ୍ତି । ଏହି କ୍ରମରେ ତାମିଲନାଡୁର ମେଟ୍ଟୁପାଲାୟାମ୍-ଉଟି ନୀଳଗିରି ଯାତ୍ରୀବାହୀ ଟ୍ରେନ୍‌ଟି ଦେଶର ସବୁଠୁ ଧିମା ରେଳଗାଡ଼ିର ମାନ୍ୟତା ରଖିଛି । ଦେଶର ଦ୍ରୁତତମ ଟ୍ରେନ୍‌ର ପ୍ରାୟ ଷୋହଳ ଭାଗରୁ ଭାଗେ ବେଗରେ, ଅର୍ଥାତ୍ ଘଣ୍ଟାକୁ ସର୍ବାଧିକ ୧୦ କି.ମି. ବେଗରେ ଯାଇପାରୁଥିବା ଏହି ଟ୍ରେନ୍‌ଟି ୪୬ କି.ମି. ଅତିକ୍ରମ କରି ତାହାର ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ୫ ଘଣ୍ଟା ସମୟ ନେଇଥାଏ । ପାହାଡ଼ ମଧ୍ୟସ୍ଥ ପଥୁରିଆ ଯାତ୍ରା ପଥରେ ଏହା ଶହେ ସଂଖ୍ୟକ ପୋଲ ଓ ସଂଖ୍ୟାଧିକ ସୁଡ଼ଙ୍ଗ ଅତିକ୍ରମ କରେ । ୟୁନେସ୍କୋ ପକ୍ଷରୁ ଏହାକୁ ଏକ ବିଶ୍ୱ ଐତିହ୍ୟର ମାନ୍ୟତା ପ୍ରଦାନ କରାଯାଇଛି । ୟୁନେସ୍କୋ ସୂଚନା ମୁତାବକ, ୧୮୫୪ ମସିହାରେ ଏହି ରେଳପଥର ପ୍ରସ୍ତାବ ଦିଆଯାଇଥିବା ବେଳେ ୧୮୯୧ରେ ନିର୍ମାଣ ଆରମ୍ଭ ହୋଇଥିଲା ଏବଂ ୧୯୦୮ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା । ଯାତ୍ରାପଥରେ ୩୨୬ ମିଟରରୁ ୨.୨ କି.ମି. ଯାଏ ରହିଥିବା ଉଠାଣି ରାସ୍ତା ସେ ସମୟର ଶ୍ରେଷ୍ଠ ଜ୍ଞାନକୌଶଳ ଖଟାଇ ନିର୍ମିତ ହୋଇଛି । ଏହି ଟ୍ରେନ୍‌ଟି ପ୍ରତ୍ୟହ ସକାଳ ୭ଟା ୧୦ରେ ମେଟ୍ଟୁପାଲାୟାମ୍‌ରୁ ବାହାରି ମଧ୍ୟାହ୍ନରେ ଉଟିରେ ପହଞ୍ଚିଥାଏ ଏବଂ ସଙ୍ଗେ ସଙ୍ଗେ ସେଠାରୁ ବାହାରି ସନ୍ଧ୍ୟା ୫ଟା୩୫ ବେଳକୁ ମେଟ୍ଟୁପାଲାୟାମ୍ ଫେରି ଆସିଥାଏ ।

# ତ୍ୱଚାକୁ ସୁନ୍ଦର ରଖିବାକୁ ହେଲେ କରନ୍ତୁ ଏହି ଘରୋଇ ହର୍ବାଲ ଉପଚାର



ତ୍ୱଚାରେ ଚମକ ଆଣିବା ତଥା ତ୍ୱଚା ସମ୍ପର୍କୀୟ ସମସ୍ୟା ଦୂରେଇ ଦେବା ନିମନ୍ତେ ସବୁଠୁ ସୁରକ୍ଷିତ ତଥା ବିଶ୍ୱସନୀୟ ଉପଚାର ହେଲା ହର୍ବାଲ୍ ଉପଚାର । ହର୍ବାଲ୍ ଜିନିଷଗୁଡ଼ିକ ମୁଖ୍ୟତଃ ସହଜରେ ଘରେ ହାତ ପାହାନ୍ତାରେ ମିଳିଯାଇଥାଏ । ଏହାକୁ ବ୍ୟବହାର କରିବା ମଧ୍ୟ ସହଜ । ଏହା ବ୍ୟତୀତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମଧ୍ୟ ଭୟ ନଥାଏ । କିପରି ବ୍ୟବହାର କରିବେ ଜାଣନ୍ତୁ ।

ଗୋଟିଏ ବଡ଼ ଟମାଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ପେଷ୍ଟ କରି ଦିଅନ୍ତୁ । ଟମାଟ ପେଷ୍ଟରେ ମହୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିଥାଏ । ବିଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ । ପାଞ୍ଚ ମିନିଟ ପର୍ଯ୍ୟନ୍ତ ବିଟ୍ ପେଷ୍ଟକୁ ମୁହଁରେ ମସାଜ୍ କରନ୍ତୁ । ପେଷ୍ଟ ଶୁଖିଯିବାର ୧୦ ମିନିଟ୍ ପରେ ମୁହଁକୁ ସାବୁନରେ ଧୋଇ ଦିଅନ୍ତୁ ।

ସେହିପରି ଚନ୍ଦନ ପାଉଡର, ଗୋଲାପ ଜଳ ଓ କ୍ଷୀରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ । ପେଷ୍ଟ ଶୁଖିଯିବା ପରେ ନଖ ଉଷୁମ ପାଣିରେ ମୁହଁ ଭଲଭାବେ ଧୋଇ ନିଅନ୍ତୁ ।

ମହୁ ଓ ଲେମ୍ବୁରସକୁ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ମୁହଁରେ ଚମକ ଆଣେ ଓ କଳାଦାଗରୁ ମୁକ୍ତି ଦିଏ ।

ହଳଦୀ, ଚନ୍ଦନଗୁଣ୍ଡ ଓ ଅଲିଭ୍ ଅଏଲକୁ ମିଶାଇ ଦେହରେ ଲଗାନ୍ତୁ । ଏହା ଶୁଖିଯିବାର ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ ।

ନିୟମିତ ଶରୀରକୁ କ୍ଷୀରରେ ମସାଜ୍ କରନ୍ତୁ । କ୍ଷୀର ମଏଶ୍ଚରାଇଜର୍ ଭଳି କାମ କରିଥାଏ । ଖାସ କରି ଶୀତ ଦିନରେ ରୁଖ ତ୍ୱଚାରୁ ମୁକ୍ତି ପାଇବା ପାଇଁ କରନ୍ତୁ ।

ଗାଜରକୁ କୋରି ଏହାର ପେଷ୍ଟ କରି ତ୍ୱଚାରେ ମସାଜ୍ କରନ୍ତୁ । ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ ।

କ୍ଷୀର ଓ ଲେମ୍ବୁରସକୁ ମିଶାଇ ମୁହଁ ଓ ଶରୀରରେ ଲଗାନ୍ତୁ ।

# ନିଆଁ ଝରଣା

ଝରଣାରୁ ପାଣି ଝରିବା ସ୍ୱାଭାବିକ କଥା । ତେବେ ଏଥିରୁ ନିଆଁ ଝରିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ । ଏହା ଆଶ୍ଚର୍ଯ୍ୟ ହୋଇଥିଲେ ବି ସତ । କାର୍ଲିଫୋର୍ଣ୍ଣିଆରେ ରହିଛି ଏଭଳି ଏକ ଝରଣା । ଏଥିରେ ନିଆଁ ଭଳି ଲାଲ ପାଣି ୧୫୬୦ ଫୁଟ ଉଚ୍ଚରୁ ତଳକୁ ପଡ଼ିଥାଏ । ଏହି ଝରଣା ସ୍ଥାନୀୟ ୟେସୋମିଟି ଜାତୀୟ ଉଦ୍ୟାନରେ ରହିଛି । କ୍ୟାପଟେନ ପାହାଡ଼ରୁ ଏହା ପ୍ରବାହିତ ହେଉଛି । ଲୋକେ ଏହାକୁ ଫାୟାର ଫଲ କହିଥାନ୍ତି । ତେବେ ପ୍ରତିବର୍ଷ ଫେବୃଆରୀ ମାସର ଶେଷ ସପ୍ତାହରେ ଏଭଳି ଦୃଶ୍ୟ ସୂର୍ଯ୍ୟାସ୍ତ ସମୟରେ ଦେଖାଯାଇଥାଏ । ଏହି ସମୟରେ ଅସ୍ତ ସମୟରେ ଲାଲ ରଂଗର ସୂର୍ଯ୍ୟ ରଶ୍ମୀ ଝରଣା ପାଣିରେ ପ୍ରତିଫଳିତ ହୋଇଥାଏ । ଫଳରେ କିଛି ସମୟ ପାଇଁ ଝରଣାର ପାଣି ରଙ୍ଗ ନିଆଁ ଭଳି ଲାଲ ଦିଶିଥାଏ ।





# ନା ଗୋଲାକାର, ନା ଅଣ୍ଡାକୃତି, ତେବେ ପ୍ରକୃତରେ ପୃଥିବୀର ଆକାର କ'ଣ ?

ଅନେକ ଲୋକ ଭାବନ୍ତି ଯେ ପୃଥିବୀ ଗୋଲାକାର, କିଛି ଲୋକ ଏହାକୁ ଓଭାଲ୍ ମଧ୍ୟ ଭାବନ୍ତି । ଅନେକ ପୁସ୍ତକରେ ଆମେ ଏହା ମଧ୍ୟ ଲେଖିଛୁ ଯେ ପୃଥିବୀ ଗୋଲାକାର, କିନ୍ତୁ ଆସନ୍ତୁ ଆପଣଙ୍କୁ କହିବା ଯେ, ପୃଥିବୀର ପ୍ରକୃତ ଆକୃତି ଗୋଲାକାର କିମ୍ବା ଓଭାଲ୍ ନୁହେଁ । ପୃଥିବୀ ଅନିୟମିତ ଭାବରେ ଏଲିପସଏଡ୍ କିମ୍ବା ଜିଓଏଡ୍ ଆକୃତିର । ପୃଥିବୀ ନିଶ୍ଚିତ ଭାବରେ ଗୋଲାକାର କିନ୍ତୁ ଏହା ସମ୍ପୂର୍ଣ୍ଣ ଗୋଲାକାର ନୁହେଁ କାରଣ ଏହାର କିଛି ଅଂଶ ଉଠିଯାଇଥିବା ବେଳେ କିଛି ଅଂଶ କିଛି ସ୍ଥାନ ବୁଡ଼ି ଯାଇଛି । ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ, ଏହା ମାଧ୍ୟାକର୍ଷଣ ଶକ୍ତି ହେତୁ ଘଟିଛି । ଆସନ୍ତୁ ଜାଣିବା ଯେ, ଇକ୍ୟୁଏଟର ଚାରିପାଖରେ ଥିବା ଅଂଶ ଉପରକୁ ଉଠିଛି । ପୃଥିବୀର ସମୀକରଣ ବ୍ୟାସାର୍ଦ୍ଧ ୩,୯୬୩.୩୪ ମାଇଲ ହୋଇଥିବାବେଳେ ପୋଲାର ବ୍ୟାସାର୍ଦ୍ଧ ୩,୯୪୯.୯୯ ମାଇଲ ଅଟେ । ଏହା ଦର୍ଶାଏ ଯେ ଏହା ଗୋଲାକାର ନୁହେଁ । ଆମେ ସମସ୍ତେ ଜାଣିଛୁ ଯେ, ଏପର୍ଯ୍ୟନ୍ତ ମହାକାଶରେ ଜଣାଶୁଣା ପୃଥିବୀ ହେଉଛି ଏକମାତ୍ର ଗ୍ରହ ଯେଉଁଥିରେ ଜୀବନ ଅଛି । ପୃଥିବୀ ହେଉଛି ସୌର ମଣ୍ଡଳର ପଞ୍ଚମ ବୃହତ୍ତମ ଗ୍ରହ । ଏହାର ସର୍ବୋଚ୍ଚ ଶିଖର ହେଉଛି ମାଉଣ୍ଟ ଏଭରେଷ୍ଟ ।

ସାଧାରଣତଃ ଆମେ କହିଥାଉ ଯେ, ପୃଥିବୀ ନିଜ ଅକ୍ଷରେ ଗୋଟିଏ ଘୂର୍ଣ୍ଣନକୁ ୨୪ ଘଣ୍ଟାରେ ସମାପ୍ତ କରେ, ସେଥିପାଇଁ ଦିନ ଏବଂ ରାତି ହୁଏ, କିନ୍ତୁ ଏହାର ଅକ୍ଷରେ ଗୋଟିଏ ଘୂର୍ଣ୍ଣନ ସମ୍ପୂର୍ଣ୍ଣ କରିବାକୁ ମାତ୍ର ୨୩ ଘଣ୍ଟା, ୫୬ ମିନିଟ୍ ୪ ସେକେଣ୍ଡ ସମୟ ଲାଗେ । ୭ ଟି ମହାଦେଶ ସହିତ ପୃଥିବୀରେ କେବଳ ଗୋଟିଏ ପ୍ରାକୃତିକ ଚନ୍ଦ୍ର ଅଛି । ବିଶେଷଜ୍ଞମାନେ କହିଛନ୍ତି ଯେ, ପୃଥିବୀ ୪.୫ ବିଲିୟନ ବର୍ଷ ପୁରୁଣା । ଯଦି ଆପଣ ଭାବୁଥିବେ ଯେ, ଏହି ମହାଦେଶଗୁଡ଼ିକ ପୂର୍ବରୁ ଏହିପରି ଥିଲା, ତେବେ ପ୍ରାୟ ୨୦୦ ନିୟୁତ ବର୍ଷ ପୂର୍ବେ ପୃଥିବୀରେ କେବଳ ଗୋଟିଏ ମାଳଦ୍ୱୀପ ଥିଲା ଯାହା ପାଙ୍ଗେ ନାମରେ ଜଣାଶୁଣା ଥିଲା ଏବଂ ଏହି ମାଳଦ୍ୱୀପର ଚାରିପାଖରେ ଏକ ମହାସାଗର ଥିଲା ଯାହାକୁ ପନ୍ଥଲାସା କୁହାଯାଉଥିଲା । ଉଲ୍ଲେଖନୀୟ ବିଷୟ ହେଉଛି, ପ୍ରତିବର୍ଷ ଏପ୍ରିଲ୍ ୨୨ ରେ 'ପୃଥିବୀ ଦିବସ' ଅର୍ଥାତ୍ ପୃଥିବୀ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଏ, ଯାହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ପରିବେଶ ବିଷୟରେ ସଚେତନତା ସୃଷ୍ଟି କରିବା । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ପ୍ରତିବର୍ଷ ଏହି ଦିନ ପ୍ରାୟ ୧୯୨ଟି ଦେଶରେ ପାଳନ କରାଯାଏ ।

# ରାଜ୍ୟରେ ହ୍ରାସ ପାଉଛି ନୂଆ କୁଷ୍ଠ ଆକ୍ରାନ୍ତଙ୍କ ସଂଖ୍ୟା

## ହାଇକୋର୍ଟରେ ସରକାରଙ୍କ ତଥ୍ୟ : ଗତ ବର୍ଷ ଚିହ୍ନଟ ହୋଇଥିଲେ ୫୭୨୯

କଟକ, ୧୪/୦୨ (ନି.ପ୍ର): ରାଜ୍ୟରେ ନୂଆ କୁଷ୍ଠ ରୋଗ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ୨୦୧୯-୨୦ ବର୍ଷରେ ୧୦୦୭୭ କୁଷ୍ଠ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ୨୦୨୦-୨୧ରେ ଏହି ସଂଖ୍ୟା ୬୧୪୮ ଓ ୨୦୨୧-୨୨ରେ ୫୭୨୯ ଥିଲା। ସେହିପରି ଏହି ଅବଧିରେ ରୋଗ ପ୍ରସାର ହାର ମଧ୍ୟ ପ୍ରତି ୧୦ହଜାର ଜନସଂଖ୍ୟାରେ ୧.୪୫ରୁ ୦.୮୯କୁ ହ୍ରାସ ପାଇଛି। ରାଜ୍ୟ ସରକାରଙ୍କ ତରଫରୁ କୁଷ୍ଠ ନରାକରଣ ସଂପର୍କିତ ମାମଲାରେ ଦାଖଲ ସତ୍ୟପାଠରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି। ୨୦୨୩, ଜାନୁଆରି ୪ର ମନିଟରିଂ କମିଟି ବୈଠର ବିବରଣୀ ସରକାରଙ୍କ ପକ୍ଷରୁ ମଧ ଦାଖଲ କରାଯାଇଛି।



ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ, ସ୍ୱାସ୍ଥ୍ୟ ଓ ବରିବାର କଲ୍ୟାଣ ବିଭାଗ ସଚିବ, କମିଟି ସଦସ୍ୟ ଓ ଦୁଇ ବିଭାଗର ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରାଯାଇଥିବା ଦର୍ଶାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ ହେବା ପରେ କୁଷ୍ଠ ସମେତ ଅନ୍ୟାନ୍ୟ ରୋଗର ଚିହ୍ନଟ ଓ ଚିକିତ୍ସା ପାଇଁ ସମସ୍ତ ପାରାମେଡିକାଲ କର୍ମଚାରୀ ପ୍ରଶିକ୍ଷଣ ହାସଲ କରିଛନ୍ତି।

ରାଜ୍ୟରେ ୩୨୧୮ଜଣ ପୁରୁଷ (ମଲ୍ଟିପରପୋଜ ହେଲ୍‌ଥ ୱାର୍କର) ସ୍ୱାସ୍ଥ୍ୟ କର୍ମୀ, ୭୨୨୪ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ୪୮୦୧୧ଜଣ ଆଶାକର୍ମୀ, ୪୯୯୧ଜଣ ଡାକ୍ତର (ଏମବିବିଏସ), ୪୦୦୯ଜଣ ସିଏଚଓ, ୧୩୮୫ଜଣ ଆୟୁଷ ମେଡିକାଲ ଅଫିସର ଓ ୯୮ଜଣ ଫିଜିଓଥେରାପିଷ୍ଟ ଏହି କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଲାଭ କରିଛନ୍ତି। ସେହିପରି ୭ଜଣ ପ୍ରଶିକ୍ଷଣ ହାସଲ କରିଥିବା ସର୍ଜନଙ୍କୁ ୧୨ଟି କୁଷ୍ଠ ଚିକିତ୍ସାଳୟରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ରହିଥିବା କୁଷ୍ଠ ଆକ୍ରାନ୍ତଙ୍କ ମଧ୍ୟରୁ ୯୮ ପ୍ରତିଶତଙ୍କ କୌଣସି ଶାରୀରିକ ବିକୃତି/ଘାଆ ନାହିଁ ଓ ସୋମନଙ୍କୁ ୬ ମାସିଆ ମଲ୍ଟି ଡ୍ରଗ ଥେରାପି ସ୍ୱାସ୍ଥ୍ୟକର୍ମୀ ଓ ସିଏଚଓଙ୍କ ଦ୍ୱାରା ପ୍ରଦାନ କରାଯାଉଛି। ଅବଶିଷ୍ଟ ୨ ପ୍ରତିଶତଙ୍କର ଆବଶ୍ୟକ ଯତ୍ନ, ଚିକତ୍ସା, ଫିଜିଓଥେରାପି ପ୍ରାୟତଃ ଘରେ କରାଯାଉଛି। ମେଡିକାଲ ଅଫିସର, ସ୍ୱାସ୍ଥ୍ୟ କର୍ମୀ, ଡ୍ରେସର ନିୟମିତ ଭାବେ କୁଷ୍ଠ କଲୋନି ଗୁଡିକୁ ସପ୍ତାହରେ ଥରେ ଯାଇ ରୋଗୀଙ୍କ ଚିକିତ୍ସା କରିବା ସହିତ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ସମସ୍ୟା କଥା ବୁଝୁଛନ୍ତି। ଏବେ ସୁଦ୍ଧା କଲୋନିକୁ ଏପରି ୧୦୧୨ଟି ଗସ୍ତ କରାଯାଇଛି, ୩୦୮୭ଟି କିଟ ବଣ୍ଟନ କରାଯିବା ସହିତ ୧୩୭୬ଟି ଏମସିଆର ଜେତା ପ୍ରଦାନ କରାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଛି। ଏହି ସତ୍ୟପାଠକୁ ଅନୁଧାନ କରି ଜବାବ ଦାଖଲ କରିବାକୁ ଆମିକସ କ୍ୟୁରୀଙ୍କୁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିପିନ ବିହାରୀ ପ୍ରଧାନଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆମିକସ୍ କ୍ୟୁରୀ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର, ବିଭୁ ପ୍ରସାଦ ତ୍ରିପାଠୀ ଓ ପି.ରଥ ମାମଲା ପରିଚାଳନା କରୁଛନ୍ତି।

# ରାଉରକେଲାରେ ୫ଜି ଆରମ୍ଭ ହେବାପରେ ଗୁରୁତର ସ୍ଥିତି : ୫ଜି ପରେ ବି ୨ଜି ଭଳି ସେବା

ରାଉରକେଲା , ୧୪/୦୨ (ନି.ପ୍ର): ଲୋକେ ଏଥର ୧ ଜିବିପିଏସ୍ ସ୍ପିଡ୍‌ରେ ଇଣ୍ଟରନେଟ୍ ସେବା ପାଇବେ, ୪ଜି ଇଣ୍ଟରନେଟ୍‌ଠାରୁ ୪୦ ଗୁଣ ଅଧିକ ସ୍ପିଡ୍‌ରେ ଇଣ୍ଟରନେଟ୍ ଚଳାଇବେ। ଏପରି ଘୋଷଣା ସହିତ ଜାନୁଆରି ୫ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଟେଲି ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ୫ଜି ଇଣ୍ଟରନେଟ୍ ସେବା ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କଟକ ଓ ଭୁବନେଶ୍ୱର ପରେ ହକି ବିଶ୍ୱକପ୍ ?ର ଠିକ୍ ପୂର୍ବରୁ ରାଉରକେଲାରେ ଏହା ଆରମ୍ଭ ହୋଇଛି। ରାଉରକେଲା ସହରରେ ଏବେ ଉପଭୋକ୍ତାମାନଙ୍କୁ ଜିଓ ୫ଜି ଇଣ୍ଟରନେଟ୍ ସେବା ପ୍ରଦାନ କରୁଥିବା ଦାବି କରାଯାଉଛି। ସତ ହେଉଛି, ଆଶ୍ଚର୍ଯ୍ୟଜନକ ଭାବେ ଏହି ସେବା ଆରମ୍ଭ ହେବାପରେ ହିଁ ରାଉରକେଲା ସହରରେ ଇଣ୍ଟରନେଟ୍ ଓ ମୋବାଇଲ୍ ନେଟ୍‌ୱର୍କ ବାବଦରେ ଭୀଷଣ ସମସ୍ୟା ଆରମ୍ଭ ହୋଇ ଯାଇଛି। ଉପଭୋକ୍ତାଙ୍କ ଅଭିଯୋଗ ଅନୁସାରେ, ଏବେ ଜିଓ ଇଣ୍ଟରନେଟ୍ ସ୍ପିଡ୍ ପୂର୍ବ ଅପେକ୍ଷା ଢେର କମିଛି, ଏପରିକି ୨ଜିଠାରୁ ବି କମ୍‌ରେ ଚାଲୁଛି। ବିଏସ୍‌ଏନ୍‌ଏଲ୍ କଥା ନକହିବା ଭଲ, ଗତ ୨/୩ ମାସ ହେବ ରାଉରକେଲାର କିଛି ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ୍ ସେବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏ ନେଇ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତାମାନେ ଗ୍ରାହକସେବା ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ମାତ୍ର, ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଏ ଦୁଇ କମ୍ପାନି ସହିତ ୫ଜି ଆସିବାପରେ ଅନ୍ୟ ସବୁ ଇଣ୍ଟରନେଟ୍ ସେବା ପ୍ରଦାନକାରୀଙ୍କ କ୍ଷେତ୍ରରେ ଏପରି ଘଟୁଥିବା କୁହାଯାଉଛି। କେବଳ ସେତିକି ନୁହେଁ, କଥା ମଝିରୁ କଲ୍ କଟିଯିବା, ନମ୍ବର ନଲାଗିବା ବର୍ତ୍ତମାନ ରାଉରକେଲା ସହରରେ ଚବିଶଘଣ୍ଟିଆ ସମସ୍ୟା ପାଲଟିଗଲାଣି। ଅନେକ ସମୟରେ ହ୍ୱାଟ୍ସଆପ୍‌ରେ ମେସେଜ୍ ପଠାଇଲେ ୨-୩ ମିନିଟ୍ ବିଳମ୍ବରେ ଯାଉଛି। କଲ୍ କଲାବେଳେ ଅନେକ ସମୟରେ ଫୋନ୍ ସୁଇଚ୍‌ଡ-ଅଫ୍ କହୁଛି। କଲ୍ ଲାଗିଲେ ବି, ସେପଟ ଲୋକର କଥା କେଇ ସେକେଣ୍ଡ ବିଳମ୍ବରେ ଶୁଣାଯାଉଛି। ମହାମାରୀ କରୋନା ପରଠାରୁ ଏବେ ଭର୍ଚୁଆଲ୍ ମୋଡ୍‌ରେ ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ଅଫିସ୍ ବୈଠକ ସବୁ ସେଇ ଇଣ୍ଟରନେଟ୍ ମାଧ୍ୟମରେ ହେଉଛି। କିନ୍ତୁ, ସେହି ସମୟରେ ଲମ୍ବା ସମୟ ଧରି ବଫରିଂ ହେଉଥିବାର ଦେଖିବାକୁ ମିଳୁଛି। କିଛି ଡକୁମେଣ୍ଟ ଡାଉନଲୋଡ୍ କରିବାପାଇଁ ଲୋକେ ଭାରି ହଇରାଣ ହେଉଛନ୍ତି। ସୋସିଆଲ୍ ମିଡିଆରେ କିଛି ପୋଷ୍ଟ କରିବାକୁ ହେଲେ ଅପେକ୍ଷା କରିବାକୁ ପଡୁଛି। ଏହି ସମସ୍ୟା ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁତ ହେଉଥିବାର ଦେଖାଯାଉଛି। ଏସବୁ କାହିଁକି ଘଟୁଛି, କାହାରି ପାଖରୁ ଉତ୍ତର ମିଳୁନି।

# କେନ୍ଦ୍ରୀୟ ବଜେଟକୁ ବିରୋଧ କରି ସିପିଆଇର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଜୟପୁର, ୧୪/୦୨ (ନି.ପ୍ର): କୃଷକ, ଶ୍ରମିକ ଏବଂ ମଧ୍ୟବିତ ପରିବାର ଉପରେ ବୋଝ ଉପରେ ନଳିତା ବିଡା ଭଳି କେନ୍ଦ୍ରୀୟ ବଜେଟ କରାଯାଇଥିବାରୁ ଏହାକୁ ବିରୋଧ କରିଛି କୋରାପୁଟ ଜିଲା ସିପିଆଇ। ଏନେଇ ଆଜି ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତା ମାନେ ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଦଳିୟ ବ୍ୟାନର, ପୋଷ୍ଟର ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କ କାଯ୍ୟାଳୟରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ରାଷ୍ଟ୍ରବାଦ ନାମରେ ଆଦାନୀର ଭ୍ରଷ୍ଟାଚାରକୁ ସଂରକ୍ଷଣ ଓ ଲାଳନପାଳନ ବନ୍ଦ କର । ଲକ୍ଷ ଲକ୍ଷ କୋଟି ଟଙ୍କାର ଘୋଟାଲାର ଜେ.ପି.ସି ଦ୍ୱାରା ତଦନ୍ତ କରାଯାଉ, ଏଲ.ଆଇ.ସି. ଓ ଷ୍ଟେଟ ବ୍ୟାଙ୍କର ଲକ୍ଷ ଲକ୍ଷ କୋଟି ଜନଗଣଙ୍କ ଅର୍ଥ ଆଦାନୀ ବ୍ୟବସାୟରେ ନିବେଶ ପାଇଁ ମୋଦୀ ସରକାର ଅନୁକମ୍ପା ଦେଖାଇଛନ୍ତି । ଏଲ.ଆଇ.ସି ଓ ଏସ.ବି.ଆଇ. ବଂଚାଅ ବୋଲି ଦାବି କରାଯାଇଛି । ସେହିପରି ସ୍ୱାମୀନାଥନ କମିଟି ରିପୋର୍ଟ ସମ୍ପୂର୍ଣ୍ଣ ଲାଗୁ କରି କୃଷି ଓ କୃଷକ ବଂଚାଇବା, କର୍ପୋରେଟ ଟିକସ ହ୍ରାସ କିନ୍ତୁ ଜନଗଣଙ୍କ ଉପରେ ଟିକସ ବୋଝ ଫେରସ୍ତ କର । ଦରଦାମ ବୃଦ୍ଧି ପ୍ରତ୍ୟାହାର କର , ଅଙ୍ଗନବାଡି, ଆଶା, ପାଚିକା ଆଦି ସ୍କିମକୁ ଅର୍ଥ ନବଢାଇ ତାକୁ ବନ୍ଦ କରିବା ଷଡଯନ୍ତ୍ର ରଦ୍ଦ କରି ସମସ୍ତଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରାଯାଉ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଅନୁଦାନ ପ୍ରଦାନ କର, ଅଶୋଧିତ ତୈଳ ଦର ଯଥେଷ୍ଟ କମିଛି, ଏଣୁ ଅବିଳମ୍ବେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦର ହ୍ରାସ କରାଯାଉ, ବେକାରି ମାନଙ୍କୁ ନିଯୁକ୍ତି ପାଇଁ ସମସ୍ତ ବନ୍ଦ କଳକାରଖାନା ଗୁଡିକୁ ତୁରନ୍ତ ଖୋଲାଯାଉ ଏବଂ ଜୟପୁର ସେବା କାଗଜକଳକୁ ପୁଣ୍ଡ କାଯ୍ୟକ୍ଷମ କରାଇ ଶ୍ରମିକ ମାନଙ୍କୁ ନ୍ୟାୟ ଦିଆଯାଉ ଆଦି ଦାବି ରହିଛି । ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ରାମ କୃଷ୍ଣ ଦାସ, ସତ୍ୟ ବ୍ରତ ନନ୍ଦ, ଜିଲା ସହ ସମ୍ପାଦକ କୁମାର ଜାନୀ, ଜିଲା ପରିଷଦ ସଭ୍ୟ ସନ୍ୟାସି ମାଳି, ଗୁପ୍ତ ସଗରିଆ, କେଶବ ନାଗ, ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିମାନ ଇନ୍ଧନ ଭାଟ୍ ୧%କୁ ହ୍ରାସ : ରାଜ୍ୟରେ ଅଧିକ ଉଡ଼ାଣ ପାଇଁ ପ୍ରୋତ୍ସାହନ

ଭୁବନେଶ୍ୱର , ୧୪/୦୨ (ନି.ପ୍ର): ଭୁବନେଶ୍ୱରକୁ ଯେପରି ଅଧିକ ବିମାନ ଉଡ଼ାଣ କରିବ, ରାଜ୍ୟର ବିଭିନ୍ନ ଆରସିଏସ୍ ( ରିଜଓନାଲ କନେକ୍ଟିଭିଟି ସ୍କିମ୍) ବିମାନବନ୍ଦରରୁ ଏୟାରଲାଇନ୍ସଗୁଡ଼ିକ ବିମାନ ଚଳାଚଳ କରିବାକୁ ଆଗ୍ରହ ଦେଖାଇବେ ସେଥିପାଇଁ ରାଜ୍ୟ ସରକାର ଏଟିଏଫ୍ (ବିମାନ ଇନ୍ଧନ) ବିକ୍ରୟ ଉପରେ ଥିବା ଭାଟ୍‌କୁ ୧%କୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗର ଭାଟ୍ ହ୍ରାସ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ହେଲେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏକ ନନ୍-ଆରସିଏସ୍ ବିମାନବନ୍ଦର ହୋଇଥିବାରୁ ଏଠାରେ ଏହି ସୁବିଧା ଉପଲବ୍ଧ ହେବନି। କିନ୍ତୁ, ଏହାଦ୍ୱାରା ଓଡ଼ିଶାରେ ଅବସ୍ଥିତ ଯେ କୌଣସି ବିମାନବନ୍ଦର/ ହେଲିପୋର୍ଟ/ ହେଲିପ୍ୟାଡ୍/ ୱାଟର ଏରୋଡ୍ରମଗୁଡ଼ିକରେ ଆରସିଏସ୍ ଫିକ୍ସଡ ୱିଙ୍ଗ ବିମାନ/ହେଲିକପ୍ଟର/ ସାମୁଦ୍ରିକ ବିମାନଗୁଡ଼ିକ ନିମନ୍ତେ ଏଟିଏଫ୍ ବିକ୍ରୟ ଉପରେ ଥିବା ଭାଟ୍ ୧% କୁ ହ୍ରାସ ପାଇବ। ଏହା୨୦୨୭ ମସିହା ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଲାଗୁ ହେବ ବୋଲି ନିଷ୍ପତ୍ତି ହୋଇଛି।



ଅପରପକ୍ଷେ ପୂର୍ବରୁ ଆରସିଏସ୍ ବିମାନବନ୍ଦରର ବ୍ୟବହାରକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଅର୍ଥ ବିଭାଗର ବିଜ୍ଞପ୍ତି ସଂଖ୍ୟା ୨୪୫୬୭, ତା ୨୨/୦୮/୨୦୧୭ ଅନୁଯାୟୀ ଆରସିଏସ୍ ବିମାନ ପାଇଁ ଆରସିଏସ୍ ବିମାନବନ୍ଦରରେ ଏଟିଏଫ୍ ବିକ୍ରୟ ଉପରେ ଥିବା ଭାଟ୍‌କୁ ୧%କୁ ୧୦ବର୍ଷ ନିମନ୍ତେ ହ୍ରାସ କରିଥିଲେ। ଏହାଦ୍ୱାରା ଝାରସୁଗୁଡ଼ା, ରାଉରକେଲା, ଜୟପୁର ଏବଂ ଉତ୍‌କେଳା ବିମାନବନ୍ଦରରେ ତେଲ କମ୍ପାନିଗୁଡ଼ିକ ଏଟିଏଫ୍ ବିକ୍ରି ଉପରେ ଥିବା ଭାଟ୍‌କୁ ୧%କୁ ହ୍ରାସ କରିଛନ୍ତି। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଖୁବ୍‌ଶୀଘ୍ର ଭୁବନେଶ୍ୱର ବିମାନବନ୍ଦର ଆରସିଏସ୍ ଏୟାରଲାଇନ୍ସ ଅପରେଟରମାନଙ୍କ ମୁଖ୍ୟ କାର୍ଯ୍ୟସ୍ଥଳୀରେ ପରିଣତ ହେବ। ଏହା ରାଜ୍ୟରେ ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରିବ, ଏୟାରଲାଇନ୍ସଗୁଡ଼ିକୁ ପୁଞ୍ଜି ବିନିଯୋଗ କରିବା ନିମନ୍ତେ ଆକର୍ଷିତ କରିବ, ରୋଜଗାର ସୃଷ୍ଟି ସହ ବିମାନ ଯାତ୍ରା ମୂଲ୍ୟ ହ୍ରାସ କରିବାରେ ସହାୟକ ହେବ।

# ଫ୍ଲାଏ ଓଭର ନିର୍ମାଣ ଅଧା: ଧୂଳିଧୂଆଁରେ ଲୋକେ ଅଣନିଶ୍ୱାସୀ

ଯୋଡ଼ା, ୧୪/୦୨ (ନି.ପ୍ର): ଯୋଡ଼ା ସହରରେ ଦୁଇବର୍ଷ ହେଲା ଫ୍ଲାଏଓଭର ନିର୍ମାଣ କାମ ଚାଲିଛି। ଏହା କେବେ ସମ୍ପୂର୍ଣ୍ଣ ହେବ ସେନେଇ କୌଣସି ସ୍ୱଷ୍ଟ ସୂଚନା ଠିକାସଂସ୍ଥା ଦେଉନାହିଁ। ଫ୍ଲାଏଓଭର ପାଇଁ ରାସ୍ତା ଖୋଲି ଦିଆଯାଇଛି। ଏଯାଏ ସର୍ଭିସରୋଡ ନିର୍ମାଣ କରାଯାଇ ନାହିଁ। ଖରାଦିନେ ପ୍ରବଳ ଧୂଳି ଉଡୁଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ରାସ୍ତାକଡ଼ରେ ଖୋଲିଥିବା ଦୋକାନ ଗୁଡ଼ିକର କାରବାର ଠପ୍ ହୋଇଯାଉଛି। ଏହାକୁ ନେଇ ବ୍ୟବସାୟୀ କ୍ଷୁବ୍ଧ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, କମାରଯୋଡ଼ାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଏଓଭର କାମ ଅଧା ହୋଇଛି। ବସ୍‌ଷ୍ଟାଣ୍ଡଠାରୁ ରଣାଶାଳ ପର୍ଯ୍ୟନ୍ତ କାମ ଚାଲିଛି। ଫ୍ଲାଏଓଭର ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାକୁ ଠିକାସଂସ୍ଥା ନିର୍ମାଣ କରୁନାହିଁ। ରାସ୍ତାକଡ଼ରେ ରହୁଥିବା ଲୋକେ ଦୁଇବର୍ଷ ହେବ ଧୂଳି ଯୋଗୁଁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ରାସ୍ତାକଡ଼ରେ ଦୋକାନ କରିଥିବା ବ୍ୟବସାୟୀଙ୍କ କାରବାର ବାଧାପ୍ରାପ୍ତ ହେଉଛି। ପିଚୁ ନଥିବା ମାଟି ରାସ୍ତାରେ ଶହଶହ ଖଣିଜ ବୋଝେଇ ଟ୍ରକ୍, ଯାତ୍ରୀବାହୀ ବସ୍, ଚାରିଚକିଆ ଗାଡ଼ି ଯାତାୟାତ କରୁଛନ୍ତି। ଏତେ ପରିମାଣରେ ଧୂଳି ଉଡୁଛି ଯେ, ରାସ୍ତା ଦେଖାଯାଉ ନାହିଁ। ଦୋକାନରେ ଥିବା ସାମଗ୍ରୀ ଉପରେ ଧୂଳିର ଏକ ଆସ୍ତରଣ ଜମିଯାଉଛି। ଏହାକୁ ନେଇ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତାକଡ଼ରେ ଫଳରସ ବିକ୍ରି କରୁଥିବା ଗୁଡୁ ଶଙ୍କର କହିଛନ୍ତି, ପ୍ରବଳ ଧୂଳି ଉଡୁଥିବାରୁ ବଜାର ଆସୁଥିବା ଗ୍ରାହକମାନେ ଫଳରସ ପିଇବା ପାଇଁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଜଳଖିଆ ଦୋକାନୀ ସରୋଜ ବସା, ଆଶିଷ ପୋଥାଳ, ସୁମନ ଦେ କହିଛନ୍ତି, କାଚବକ୍ସ ଭିତରେ ଖାଦ୍ୟ ରଖିଲେ ସୁଦ୍ଧା ଅନେକ ଗ୍ରାହକ ଖାଇବାକୁ ଅରାଜି ହେଉଛନ୍ତି। ଫଳରେ କାରବାର ମାନ୍ଦା ରହୁଛି। ସେହିପରି ଜେରକ୍ସ ଦୋକାନୀ ମନୋଜ କୁଣ୍ଡୁ, ଅମୂଲ୍ୟ ଘଣା ମଧ ଧୂଳିକୁ ନେଇ ପୌରପରିଷଦ ଉପରେ କ୍ଷୁବ୍ଧ ହୋଇଛନ୍ତି। ପୌରପାଳିକା ଏହି ସମସ୍ୟାର ସମାଧାନ ଆଦୌ ଗୁରୁତ୍ୱ ଦେଉନାହିଁ। ରାସ୍ତାରେ ପାଣି ସିଞ୍ଚନ କରାଯାଉ ନାହିଁ।

# ଯୁବ ମହୋତ୍ସବରେ ଯୋଗ ଦେବାକୁ ଗଲେ ୩୪ ଜଣ ଆଦିବାସୀ ଯୁବକ ଯୁବତୀ

ମାଲକାନଗିରି, ୧୪/୦୨ (ନି.ପ୍ର): ହରିୟାଣା ପଂଚକୁଲା ଠାରେ ଆୟୋଜିତ ଯୁବ ମହୋତ୍ସବରେ ଯୋଗ ଦେବାକୁ ମାଲକାନଗିରି ଜିଲ୍ଲାର ୩୪ ଜଣ ଆଦିବାସୀ ଯୁବକ ଯୁବତୀ ଯାଇଛନ୍ତି। ମାଲକାନଗିରି ଠାରେ ଆୟୋଜିତ ଏକ ସମାରୋହରେ ବିଏସଏଫ କମାଣ୍ଡାଂଟ ଶିବ ଓମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୨୨ ଜଣ ଯୁବକ ଏବଂ ୧୨ ଜଣ ଯୁବତୀଙ୍କୁ ନେଇ ଯୁବ ବିନିମୟ କାର୍ଯ୍ୟକ୍ରମକୁ ପଠାଯାଇଛି। ମାଲକାନଗିରି ଜିଲ୍ଲାର ମୋଟ ୩୪ ଜଣ ପ୍ରାର୍ଥୀ ଯେଉଁମାନେ ଦୁର୍ଗମ ଦୂରଦୂରାନ୍ତ ଗ୍ରାମରୁ ଆସିଛନ୍ତି। ୩ ବିଏସଏଫ୍ ଅଧିକାରୀ ସେମାନଙ୍କ ସହିତ ଏସକର୍ଟ ଭାବରେ ଯାଇଛନ୍ତି। ଏହି ଭ୍ରମଣ ସମୟରେ ପ୍ରାର୍ଥୀମାନେ ପଂଚକୁଲା (ହରିୟାଣା) ଠାରେ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ ।

ଆଜିର ଏହି କାର୍ଯ୍ୟକ୍ରମରେ ଡକ୍ଟର ଅମିତ ପ୍ରସାଦ, ଜିଲ୍ଲା ଯୁବ ଅଧିକାରୀ ହରିଶ ରୁପାଲ, ଏବଂ ଅନ୍ୟାନ୍ୟ ବିଏସ୍‌ଏଫ୍ ଅଧିକାରୀ ମଧ ଉପସ୍ଥିତ ଥିଲେ। ଭାରତର ନେହେରୁ ଯୁବ କେନ୍ଦ୍ର ସଂଗଠନ (ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ) ସହଯୋଗରେ ସୀମା ସୁରକ୍ଷା ବଳ (ଗୃହ ମନ୍ତ୍ରଣାଳୟ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ୨୦୨୨-୨୩ ଅନ୍ତର୍ଗତ ୭ଟି ପର୍ଯ୍ୟାୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୋପାଳ, ପୁଡୁଚେରୀ, ନୂଆଦିଲ୍ଲୀ, ଚଣ୍ଡିଗଡ଼ ଏବଂ କୋଚିରେ ସଫଳତାର ସହ ସମାପ୍ତ ହୋଇଥିଲା। ଯେଉଁଥିରେ ମାଲକାନଗିରି ଜିଲ୍ଲାର ମୋଟ ୨୦୨ ଜଣ ଯୁବଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।

# 'ସ୍ରଷ୍ଟା'ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ସଂଧ୍ୟା : ମନ ଛୁଇଁଲା ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ'

ବାଲେଶ୍ୱର, ୧୪।୨ (ନି.ପ୍ର): ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା'ର ୪୫ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ସଂଧ୍ୟାରେ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ' ନାଟକ ମଞ୍ଚସ୍ଥ ହୋଇଯାଇଛି। ତୃତୀୟ ସଂଧ୍ୟାକୁ ମୁଖ୍ୟଅତିଥି ଭାବେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲୀପ କୁମାର ଘୋଷ ଉଦଘାଟନ କରିଥିଲେ। ଓଡ଼ିଶାର ଜନଜୀବନ ସହ ଜଡ଼ିତ ମଞ୍ଚକଳାକୁ ଉଜ୍ଜୀବିତ ରଖିବାରେ ସ୍ରଷ୍ଟା ପରିବାରର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ ମତ ପ୍ରକାଶ କରିଥିଲେ। ଡାକ୍ତର ଶୁଭାଶିଷ ଆଚାର୍ଯ୍ୟ ଓ ଡାକ୍ତର ଅମରଜ୍ୟୋତି ଅଚାର୍ଯ୍ୟ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପିତା ଡାକ୍ତର ପ୍ରଫୁଲ ଚନ୍ଦ୍ର ଆଚାର୍ଯ୍ୟଙ୍କ ସ୍ମୃତିରେ ସମର୍ପିତ ହୋଇଥିବା ତୃତୀୟ ସଂଧ୍ୟାର ନଟକକୁ ନେଇ ବେଶ ସନ୍ତୋଷ ପ୍ରକାଶ ସହ ସ୍ରଷ୍ଟା ପରିବାରର ମହାନତାକୁ କୃତଜ୍ଞତା ଜଣାଇଥିଲେ। ସ୍ରଷ୍ଟାର ସଭାପତି ଆଲୋକ କୁମାର ସାହୁ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ରାଜ୍ୟସ୍ତରୀୟ ନାଟ ମହୋତ୍ସବ ଓ ନାଟକ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ରଷ୍ଟା ପରିବାରର ସଦସ୍ୟ ବ୍ରହ୍ମନାଥ ରଥ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ନାଟ୍ୟ ସମ୍ପାଦକ ଅଜୟ କୁମାର ଆଚାର୍ଯ୍ୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ' ରେ ଭୁବନେଶ୍ୱରର ବିଦ୍ୟା-କନକ ସୃଜନାନୁଷ୍ଠାନର କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ମହାଭାରତ ଯୁଦ୍ଧରେ ଅଦ୍ୱିତୀୟ ଯୋଦ୍ଧା ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କ ଚରିତ୍ର ଉପରେ ଅଧାରିତ ଏହି ନାଟକରେ ସାମ୍ପ୍ରତିକ ସମାଜର ଶିକ୍ଷିତ ବେକାର ଯୁବ ଗୋଷ୍ଠୀଙ୍କୁ ସଚେତନତାର ବାର୍ତ୍ତା ଦେଇଛି। ସପ୍ତରଥୀଙ୍କ ଚକ୍ରବ୍ୟୁହରେ କେବଳ ପ୍ରବେଶ କରିବାର କୌଶଳ ଜାଣିଥିବା ଅଭିମନ୍ୟୁ ସେଥିରୁ ମୁକ୍ତ ହୋଇନପାରି ମରଣକୁ ବରଣ କରିଥିଲେ। ଅନୁରୂପ ଭାବେ ସମ୍ପ୍ରତି ବେକାର ଯୁବଗୋଷ୍ଠୀ ଆଶାନୁରୂପକ କର୍ମକ୍ଷେତ୍ର ନ ପାଇ ହତାଶ ହୋଇପଡ଼ିଥିବା ବେଳେ ଏହାର ସୁଯୋଗ ନେଉଛନ୍ତି କୁଚକ୍ରୀ ରାଜନେତା ଓ ସାମାଜିକ କର୍ମୀ। ନିଜର ଫାଇଦା ପାଇଁ ଯୁବଗୋଷ୍ଠୀଙ୍କୁ ବିଭିନ୍ନ ସ୍ୱପ୍ନ ଦେଖାଇ କଳୁଷିତ ରାଜନୀତିକୁ ଟାଣି ଆଣୁଛନ୍ତି ସେମାନେ। ପରବର୍ତ୍ତୀ ସମୟରେ କୁଚକ୍ରୀଙ୍କ ଅପରାଧିକ ଚକ୍ରବ୍ୟୁହରେ ପ୍ରବେଶ କରି ସେଥିରୁ ମୁକୁଳି ପାରନ୍ତିନାହିଁ। ଏହି ଉଦଭ୍ରାନ୍ତ ଯୁବଗୋଷ୍ଠୀଙ୍କ ମଧ୍ୟରେ ଚେତନା ଉଦ୍ରେକ ଉଦ୍ଦେଶ୍ୟରେ ରଚିତ ନାଟ୍ୟକାର ଶ୍ରୀ ମହାପାତ୍ରଙ୍କ ଭିନ୍ନ ସ୍ୱାଦର ନାଟକ 'ଶୁଣନ୍ତୁ ହେ ଅଭିମନ୍ୟୁମାନେ'। ମୋନିକା ସାହୁ ଏହି ନାଟକରେ ନିର୍ଦ୍ଦେଶନା ଦେଇଥିବା ବେଳେ ମାନସ ପରିଡ଼ା ସହଯୋଗ କରିଛନ୍ତି। ଶକ୍ତି ପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅବନ୍ତିନାରାୟଣ ଚୌହାନ, ଶୁଭଙ୍କର ସାହୁ ଓ ଅଭିଜିତ ଦାସ ମଞ୍ଚ ପରିଚାଳନା କରିଛନ୍ତି। ମାମା ରୂପସଜ୍ଜା ଓ ପୋଷାକ ଦାୟିତ୍ୱ ତୁଲାଇଛନ୍ତି। ନବୀନ କୁମାର ପରିଡ଼ା, କେଦାରନାଥ ରାଉତ, ଶୁଭଙ୍କର ପାଢ଼ୀ, ଅବକାଶ ମିଶ୍ର, ଦୀପକ କୁମାର ପଣ୍ଡା, ଗିରିଜା ଶଙ୍କର ପଣ୍ଡା, ମାନସ ପରିଡ଼ା, ଶୁଭାଶିଷ ମିଶ୍ର, ସିପ୍ରା ପ୍ରିୟର୍ଶନୀ ପ୍ରମୁଖ ଦକ୍ଷ କଳାକାରମାନେ ଏଥିରେ ଅଭିନୟ କରିଛନ୍ତି।



## ଆଧୁନିକ ସମାଜରେ ଶିକ୍ଷାର....

(ପୃଷ୍ଠା- ୪ର ଅବଶିଷ୍ଟାଂଶ) ଏହା ସହିତ, ଶିକ୍ଷା ମାନବ ବ୍ୟକ୍ତିତ୍ୱ, ଚିନ୍ତାଧାରା, ଅନ୍ୟମାନଙ୍କ ସହିତ କାରବାର କରିବା ଏବଂ ଲୋକଙ୍କୁ ଜୀବନ ଅନୁଭୂତି ପାଇଁ ପ୍ରସ୍ତୁତ କରେ । ଏହା ଲୋକମାନଙ୍କୁ ନିଜ ନିଜ ସମାଜରେ ଏବଂ ଯେଉଁଠାରେ ସେମାନେ ବାସ କରନ୍ତି ସେଠାରେ ଏକ ସ୍ୱତନ୍ତ୍ର ମାନ୍ୟତା ପାଇଥାଏ। ଶିକ୍ଷା ପାଇବାକୁ ହକଦାର। କାହାକୁ ଏଥିରୁ ବଞ୍ଚିତ କରିବା ଉଚିତ ନୁହେଁ । ଏହା ମଧ୍ୟ ଜୀବନରେ ଭଲ କ୍ୟାରିୟର ହେବାର ସୁଯୋଗ ଦେଇଥାଏ । ଆମେ ଚାହୁଁଥିବା ଯେ କୌଣସି କର୍ମକ୍ଷେତ୍ରରେ କାମ କରିବାକୁ ଆମର ଅନେକ ସୁଯୋଗ ରହିପାରେ । ଅନ୍ୟ ଅର୍ଥରେ, ଶିକ୍ଷା ବ୍ୟକ୍ତିର ମନକୁ ପଲିସ୍ କରେ, ଚିନ୍ତାଧାରାକୁ ଦୃଢ଼ କରେ ଏବଂ ଅନ୍ୟମାନଙ୍କ ପ୍ରତି ବ୍ୟକ୍ତି ର ଚରିତ୍ର ଏବଂ ଆଚରଣକୁ ମଧ୍ୟ ଦୃଢ଼ କରେ, ଭଲ ମାନ୍ୟତା ପ୍ରଦାନ କରେ, ନୀତି ଓ ନୈତିକତା ଆଣିଥାଏ । ତେଣୁ, ଶିକ୍ଷା ବିନା ଆମେ ସଠିକ୍ ଭାବରେ ବଞ୍ଚିପାରିବା ନାହିଁ କିମ୍ବା ଏକ ଭଲ ବୃତ୍ତି ପାଇପାରିବା ନାହିଁ । ଅଧିକନ୍ତୁ, ଶିକ୍ଷା ଆମକୁ ସମାଜରେ ଏକ ଭଲ ମାନ୍ୟତା ପ୍ରଦାନ କରେ, ଆଦର୍ଶ କରେ । ଶିକ୍ଷିତ ଲୋକ ଭାବରେ, ଆମ ସମାଜ ପାଇଁ ଜ୍ଞାନର ମୂଲ୍ୟବାନ ଉତ୍ସ ଭାବରେ ବିବେଚନା କରାଯାଏ ।

ଆଧୁନିକ ଯୁଗରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମୟ ଆସିଛି ଆମେ ସମସ୍ତେ ଏହି ଶିକ୍ଷା ପାଇଁ ସଚେତନ ହେବା।ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନରେ ଏହାର ଭୂମିକାକୁ ହୃଦୟଙ୍ଗମ କରି ଉତ୍ତମ ଶିକ୍ଷାଦାନ ସହ ଅଭିନବ ଉପାୟରେ ଜ୍ଞାନ ଅର୍ଜନ କରିବା ପାଇଁ ସଂକଳ୍ପ କରିବା।

+ ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ

## ଫିନିକ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି

ବାସୁଦେବପୁର, ୧୪/୦୨ (ନି.ପ୍ର):ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆସନ୍ତା କାଲି ଅନୁଷ୍ଠିତ ହେବ । ଏହି ଉତ୍ସବ ରେ ଅତିଥି ଭାବେ ଯୋଗଦେବେ ଓଡିଶା ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ଅବସରପ୍ରାପ୍ତ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ର ଭୁତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ଼କ୍ଟର ଶ୍ରୀରୁପ ଗୋସ୍ୱାମୀ ଓ କବି ସୁଧାଂଶୁ ଶେଖର ମିଶ୍ର କ୍ଷ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ଏହି ଉତ୍ସବ ରେ ସଭାପତିତ୍ୱ କରିବେ ଏବଂ କବି ଅଚ୍ୟୁତାନନ୍ଦ ପାଢ଼ୀ ମଞ୍ଚ ସଂଯୋଜନା କରିବେ । ଏହି ଉତ୍ସବ ରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହେବ । ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ ସମସ୍ତଙ୍କୁ ବହୁ ସଂଖ୍ୟା ରେ ଏହି ଉତ୍ସବ ରେ ଯୋଗଦେବା ପାଇଁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ଓ ସଂପାଦକ ଚନ୍ଦ୍ର ଶେଖର ବେହେରା ଅନୁରୋଧ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସ୍ତ୍ରୀର ଶବ କାନ୍ଧରେ ବୋହିବା....

କଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେ ନେଇ ୪ ସପ୍ତାହରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ। ଏଥିସହ ଏହାକୁ ରୋକିବାକୁ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନବାଧିକାର କମିଶନ। ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବେ ଆନ୍ଧ୍ରରେ ଜଣେ ଓଡ଼ିଆ ପତ୍ନୀଙ୍କ ଶବକୁ କାନ୍ଧରେ ପ୍ରାୟ ୩୩ କିଲୋମିଟର ବୋହି ଆଣିଥିଲେ। ଆନ୍ଧ୍ର ପୁଲିସ ମାନବିକତା ଦେଖାଇବା ସହିତ ଆମ୍ବୁଲାନ୍ସରେ କୋରାପୁଟ ଜିଲ୍ଲାକୁ ଶବ ପଠାଇବା ବ୍ୟବସ୍ଥା କରିଥିଲା। ଶବ ବୋହୁଥିବା ବ୍ୟକ୍ତି ଜଣକ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ର ଗୁରୁ। ଗୁରୁ ଓ ତାଙ୍କ ପତ୍ନୀ ବିଶାଖାପାଟଣାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ସାଗରବାଲସାସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ପତ୍ନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶେଷକୃତ୍ୟ ପାଇଁ ଶବ ଗାଁକୁ ନେବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ସହଯୋଗ ନକରିବାରୁ ଗୁରୁ ପତ୍ନୀଙ୍କ ଶବକୁ କାନ୍ଧରେ ବୋହିଥିଲେ।

### ଆଇଏଏସ ସମ୍ମିଳନୀଙ୍କୁ ଉଦ୍‌ଘାଟନ....

ପୁନର୍ଜୀବିତ କରିବାର ଏହି କ୍ଷେତ୍ରର ସାମର୍ଥ୍ୟ ଅଛି। ଆମକୁ ଏହି କ୍ଷେତ୍ରରେ ଉତ୍କର୍ଷତା ଜାରି ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ଆର୍ଥିକ ବିକାଶରେ ଷ୍ଟାର୍ଟ ଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏ ବାବଦରେ ସରକାର ଅନେକ କାର୍ଯ୍ୟ କରିଛନ୍ତି। ସେ କହିଛନ୍ତି ଯେ ମହିଳା ସଶକ୍ତିକରଣ ଆମର ସମସ୍ତ ପଦକ୍ଷେପର ମୂଳ ଅଟେ। ଆମେ ଆମର ମିଶନ୍ ଶକ୍ତି ଗୋଷ୍ଠୀକୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର କରିବାକୁ ଇଚ୍ଛା କରୁଛୁ। ଆମେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ କରୁଛୁ, ଯାହା ଦ୍ୱାରା ସେମାନେ ସେମାନଙ୍କର ୟୁନିଟ୍କୁ ସମୃଦ୍ଧ ୟୁନିଟରେ ପରିଣତ କରିପାରିବେ। ଆସନ୍ତା ପାଂଚ ବର୍ଷ ମଧ୍ୟରେ ଆମର ମିଶନ୍ ଶକ୍ତି ଗୋଷ୍ଠୀକୁ ୫୦ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ଆମର ଲକ୍ଷ୍ୟ ରହିଛି। ଏହି ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଜିଲ୍ଲାପାଳ ମାନେ ମିଶନ ଶକ୍ତି ଗୋଷ୍ଠୀକୁ ସମସ୍ତ ସମ୍ଭାବ୍ୟ ସମର୍ଥନ ଯୋଗାଇବା ଆବଶ୍ୟକ ବୋଲି ସେ କହିଛନ୍ତି । ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା, ବିଦ୍ୟାଳୟ ପରିବର୍ତ୍ତନ, ପର୍ଯ୍ୟଟନ ପ୍ରୋତ୍ସାହନ, କ୍ରୀଡ଼ା ପରି ଅନ୍ୟ ଫ୍ଲାଗସିପ୍ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଆଇଏଏସ ଅଧିକାରୀ ମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି । କୋରାପୁଟ ପ୍ରଶାସନ ଦ୍ୱାରା ପରିକଳ୍ପିତ ଓ କାର୍ଯ୍ୟକାରୀ ହୋଇଥିବା ଏହି ମିଶନ୍ ଶକ୍ତି ଇଣ୍ଡଷ୍ଟ୍ରିଆଲ୍ ପାର୍କକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଏହା ସମଗ୍ର ରାଜ୍ୟ ଦ୍ୱାରା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କ ତିନି ମନ୍ତ୍ରୀ ପ୍ରଦୀପ ଅମାତ, ନିରଞ୍ଜନ ପୂଜାରୀ ଓ ଟୁକୁନି ସାହୁ ଉପସ୍ଥିତ ଅଛନ୍ତି । ଏଥିରେ ୧୭ଟି ବିଷୟ ଉପରେ ବିଶେଷ ଆଲୋଚନା କରାଯିବ। ସରକାରଙ୍କ ଯୋଜନା ଓ ଆଭିମୁଖ୍ୟ ତୃଣମୂଳ ସ୍ତରରେ କେତେ ଦୂର ପହଂଚି ପାରୁଛି, ସେନେଇ ଆଲୋଚନା ହେଉଛି। ପ୍ରଥମ ଅଧିବେଶନ ଗୁଡ଼ ଗଭରନେନ୍ସ ଉପରେ ରହିଛି। ଆସନ୍ତାକାଲି କୋଣାର୍କ ଇକୋ ରିଟ୍ରିଟ ବୈଠକର ଦ୍ୱିତୀୟ ଦିନ ଆଲୋଚନା କରାଯିବ। ଏଥିରେ କାଳିଆ, ମମତା, ବିଜୁ ସ୍ୱାସ୍ଥ୍ୟ ଯୋଜନା ,ମୁକ୍ତା ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯିବ। ଡୋର ଟୁ ଷ୍ଟେପ ଡେଲିଭରି ଉପରେ ଗୁରୁତ୍ୱ ଦିଆଯାଉଛି। ଯେଉଁ ସବୁ ଜାଗାରେ ତ୍ରୁଟି ରହୁଛି ସେସବୁ ଉପରେ ଆଲୋଚନା କରାଯିବ।

### ଅବଦୁର ରେହେମାନଙ୍କୁ ସଶ୍ରମ....

ଅବଦୁରକୁ ଗିରଫ କରି ନେବା ସହ ତା ବିରୋଧରେ ପ୍ରମାଣ ସଂଗ୍ରହ କରୁଥିଲା ଦିଲ୍ଲୀ ପୁଲିସ ଓ ଏନଆଇଏ । ଆଉ ତଦନ୍ତବେଳେ ଯାହା ଜଣାପଡିଥିଲା ତାହା ସମସ୍ତଙ୍କୁ ଚମକାଇ ଦେଇଥିଲା । ଜଣାପଡିଥିଲା, ଅବଦୁର ବେଆଇନ ଭାବେ ପାକିସ୍ତାନ ଯାଇଥିଲା । ସେଠାରେ ପାକିସ୍ତାନ ଆତଙ୍କୀ ସଂଗଠନର ସଦସ୍ୟଙ୍କୁ ଭେଟିଥିଲା । ଆତଙ୍କବାଦୀ ଟ୍ରେନିଂ ନେଇଥିଲା । ଏପରିକି ଆତଙ୍କବାଦୀ ସଂଗଠନ ଅଲକାଏଦା ସହ ଅବଦୁରର ସମ୍ପର୍କ ଥିଲା ବୋଲି ଚାର୍ଜସିଟ ଦାଖଲ କରିଥିଲା ଦିଲ୍ଲୀ ପୁଲିସ । ଗିରଫ ହେବା ପୂର୍ବରୁ ମଦ୍ରାସାରେ ଧର୍ମଗୁରୁ ସାଜି ପିଲାମାନଙ୍କୁ ଜିହାଦ ପାଇଁ ଶିକ୍ଷା ଦେଉଥିଲା ଅବଦୁର । ପାଠ ପଢ଼ାଇବା ନାଁରେ ଛୋଟ ଛୋଟ ପିଲାମାନଙ୍କ ମୁଣ୍ଡରେ ଆତଙ୍କବାଦୀ କଥାକୁ ଭର୍ତ୍ତି କରୁଥିଲା । ହେଲେ ବେଶୀ ଦିନ ଟିକି ପାରିନଥିଲା ଅବଦୁରର ଏହି ଚାଲ, ଧରାପଡି ଯାଇଥିଲା ଦେଶ ବିରୋଧୀ ଷଡଯନ୍ତ୍ର ।

## ସ୍କୁଲ ଶିକ୍ଷାର ବିକାଶ ପାଇଁ ଦୁଇଦିନିଆ ଷ୍ଟାର୍ସର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକରେ ଯୋଗଦେବେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୪/୦୨ (ନି.ପ୍ର): ସ୍କୁଲ ଶିକ୍ଷାକୁ ମଜଭୁତ୍ କରିବା, ସମାଜର ଆର୍ଥିକ ଦୃଷ୍ଟିରୁ ପଛୁଆ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକଙ୍କୁ ଉତ୍ତମ ତାଲିମ ପ୍ରଦାନ କରିବା ଦିଗରେ ଆସନ୍ତା ୧୬ ଓ ୧୭ ତାରିଖରେ ଭୁବନେଶ୍ୱର ଠାରେ ଷ୍ଟାର୍ସ(ଷ୍ଟ୍ରେନ୍ଥେନିଂ ଟିଚିଂ- ଲର୍ଣ୍ଣିଂ- ଆଣ୍ଡ୍ ରେଜଲ୍ଟ ଫର୍ ଷ୍ଟେଟ୍ସ) କାର୍ଯ୍ୟକ୍ରମର ଏକ ଦୁଇଦିନିଆ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଷ୍ଟାର୍ସ ସମୀକ୍ଷା ବୈଠକର ପ୍ରଥମ ଦିନରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ । ଷ୍ଟାର୍ସ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟ ଯଥା ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ହିମାଚଳ ପ୍ରଦେଶର ଶିକ୍ଷା ସଚିବମାନେ ଏହି ବୈଠକରେ ଯୋଗଦେବେ । ଏହାସହ କେନ୍ଦ୍ର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ, ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଓ ଏନସିଇଆରଟିର ଅଧିକାରୀମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ମୋଟ ଦୁଇ ଦିନିଆ ସମୀକ୍ଷା ବୈଠକରେ ଉପରୋକ୍ତ ରାଜ୍ୟର ସ୍କୁଲ ଶିକ୍ଷାର ଅଗ୍ରଗତି ଉପରେ ଚର୍ଚ୍ଚା ଆଲୋଚନା ହେବ । ସ୍କୁଲ ଶିକ୍ଷା ନେଇ ଥିବା ରାଜ୍ୟ ଗୁଡିକର ବାର୍ଷିକ ଯୋଜନା, ବଜେଟ୍, ସମଗ୍ର ଶିକ୍ଷା ଉପରେ ଚର୍ଚ୍ଚା ସହ ରାଜ୍ୟ ଗୁଡିକ ଠାରୁ ବିଭିନ୍ନ ପରାମର୍ଶ ନିଆଯିବ । ଭୁବନେଶ୍ୱରରେ ଏଭଳି ବୈଠକ ପ୍ରଥମ ଥର ପାଇଁ ହେବାକୁ ଯାଉଛି, ଯାହା ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି । ଉଲ୍ଲେଖନୀୟ ଯେ, ଷ୍ଟାର୍ସ ପ୍ରକଳ୍ପକୁ କ୍ରିୟାନ୍ୱୟନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଟୋବର ୨୦୨୦ରେ କ୍ୟାବନେଟରେ ଅନୁମୋଦନ ଦେଇଥିଲେ । ଏହି ପ୍ରକଳ୍ପ ଉନ୍ନତ ମାନବ ସମ୍ବଳ ପ୍ରସ୍ତୁତ କରିବା ପାଇଁ ଉତ୍ତମ ଉନ୍ନତ ଶିକ୍ଷା ପରିଣାମ ଓ ସ୍କୁଲ ଦ୍ୱାରା ପ୍ରସ୍ତୁତ ରଣନୀତି ସହ କାର୍ଯ୍ୟ କରିବା ପାଇଁ ବିଭିନ୍ନ ଉପକ୍ରମ ବିକଶିତ କରିବା ସହ ତାହାକୁ ଲାଗୁ କରିବା, ଆକଳନ କରିବା ଓ ସଂସ୍କାର ଆଣିବା ପାଇଁ ରାଜ୍ୟ ଗୁଡିକୁ ସହାୟତା କରିବ । ଗୁଣବତ୍ତା ଆଧାରିତ ଶିକ୍ଷା ପରିଣାମ ହାସଲ କରିବା ପାଇଁ ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନଇପି) ୨୦୨୦ରେ ଥିବା ଉଦ୍ଦେଶ୍ୟ ସହିତ ଷ୍ଟାର୍ସ ପ୍ରକଳ୍ପର ଯୋଜନା ଗୁଡିକ ଯୋଡ଼ି ହୋଇଛି ।

## କସିପଦା ମନ୍ଦିରର ତାଲା ଭାଙ୍ଗି ଚୋରି

ବସ୍ତା, ୧୪/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅନ୍ତର୍ଗତ କସିପଦା ପଞ୍ଚାୟତ ର କସିପଦା ଗ୍ରାମ ରେ ଥିବା ମା ଖେଜୁରାଇ ମନ୍ଦିର ରୁ ବିଳମ୍ବିତ ରାତି ରେ ଦୁର୍ବୃତ୍ତ ମାନେ ମନ୍ଦିର ର ତାଲା ଭାଙ୍ଗି ୪ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ର ସୂନା ଗହଣା ସମେତ ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି ।ମଙ୍ଗଳବାର ସକାଳୁ ମନ୍ଦିର ସେବିକା ମନ୍ଦିର ଧୋଇବାକୁ ଆସି ଚାବି ଭାଙ୍ଗିବା ଦେଖି ଗ୍ରାମବାସୀ ଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ମାନେ ପୁଲିସ କୁ ଖବର ଦେବାପରେ ଘଟଣା ସ୍ଥଳରେ ପୁଲିସ ଓ ସନ୍ଧାନୀ କୁକୁର ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି । ତେବେ ବାରମ୍ବାର ଏହି ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବାରୁ ରାତି ରେ ପେଟ୍ରୋଲିଂ କୁ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେଡ଼କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ

ଭଦ୍ରକ, ୧୪/୦୨ (ନି.ପ୍ର): ତିହିଡ଼ି ବ୍ଲକ୍, ପୀରହାଟ, ନରେନ୍ଦ୍ରପୁରର ବାସିନ୍ଦା ଜାନକୀଲତା ବେହେରାଙ୍କ ସ୍ୱାମୀଙ୍କର ଆସାମରେ ଅକାଳ ମୃତ୍ୟୁ ଘଟିଛି । ସେଠାରୁ ମୃତ ଶରୀରକୁ ନିଜ ଗାଁକୁ ଅଣାଯିବା ପାଇଁ ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ଜାନକୀଲତାଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଚାନ୍ଦବାଲି ବ୍ଲକର ପାଟୁଳି, ବାଲିଗାଁ ର ଲକ୍ଷ୍ମୀଦାସଙ୍କୁ ତାଙ୍କ ପୁତ୍ରର ଚିକିତ୍ସା ପାଇଁ ୫ହଜାର ଟଙ୍କାର ଆର୍ଥିକ ସାହଯ୍ୟ ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଆଜି ଉଭୟଙ୍କୁ ଉକ୍ତ ସହାୟତା ବାବଦ ନଗଦ ଅର୍ଥ ପ୍ରଦାନ କରିଥିଲେ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ, ୧୪/୦୨ (ନି.ପ୍ର): 'ଶିବ ମଙ୍ଗଳ ଓ ଯୋଗର ଅଧିନାୟକ' ବୋଲି ଭଦ୍ରକ, ସାମରାଇପୁର, କଲ୍ୟାଣୀନଗର ସ୍ଥିତ 'ଗୁରୁକୃପା' ଭବନରେ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ଆନୁକୂଲ୍ୟରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତ୍ୟାଗଭୂମି ମହୋତ୍ସବର ପ୍ରତିଷ୍ଠାତା ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ର ଓ କବିତା ଆସରକୁ ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ମଞ୍ଜୁ ଦିଦି ଉଦ୍‌ଘାଟନ କରିଥିଲେ। ବେଦପାଠ ଓ ସଂପାଦକୀୟ ପାଠ କରିଥିଲେ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ, ଆଲୋଚନାର ବିଷୟ 'ଆମ ସଂସ୍କୃତିରେ ମହାଶିବରାତ୍ରୀ'ରେ ସମ୍ମାନନୀୟ ଅତିଥି ଅଧ୍ୟାପକ ନିହାର ରଂଜନ କର, ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଶାନ୍ତନୁ କୁମାର ରାଉତ, ବ୍ରହ୍ମକୁମାରୀ ପ୍ରତିଭା ବେହେରା, ଡାକ୍ତର ରବୀନ୍ଦ୍ରନାଥ ଓଝା, କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଗୟାଧର ପଣ୍ଡା, ନାରାୟଣ ଚନ୍ଦ୍ର ପାଢୀ, ହରିଶ୍ଚନ୍ଦ୍ର ଦାସ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଆଳୁ ବୋଝେଇ ଟ୍ରକ, ଅଳ୍ପକେ ବର୍ତ୍ତିଲେ ଚାଳକ

ବସ୍ତା, ୧୪/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥ ବସ୍ତା ଥାନା ଅନ୍ତର୍ଗତ ଆଜି ଭୋର ସମୟରେ ଭେଲୁରା ପୁରୁଣା ଟୋଲଗେଟ ନିକଟରେ ଭାରସାମ୍ୟ ହରାଇ ଡିଭାଇଡ଼ର ରେ ପିଟି ରାସ୍ତା ପାର୍ଶ୍ୱ କୁ ଓଲଟିଲା ଆଳୁ ବୋଝେଇ ଟ୍ରକ, ଅଳ୍ପକେ ବର୍ତ୍ତିଲେ ଚାଳକ । ତେବେ ଉକ୍ତ ଆଳୁ ବୋଝେଇ ( ଡବ୍ଲ୍ୟୁବି ୦୩ସି୮୧୮୯) ଗାଡିଟି ପଶ୍ଚିମବଙ୍ଗ ରୁ ବାହାରି ଅମର୍ଦାରୋଡ ଆସୁଥିବା ସମୟରେ କୌଣସି କାରଣ ବଶତଃ ଭାରସାମ୍ୟ ହରାଇ ଡିଭାଇଡ଼ର ପିଟି ଭେଲୁରା ପୁରୁଣା ଟୋଲପ୍ଲାଜା ନିକଟରେ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଥିଲା । ଫଳରେ ପଛରୁ ଆସୁଥିବା ଡବ୍ଲିୱାଇ୨୪୭୩ଟ୍ରକ କୁ ପଛ ପଟୁ ବାଡେଇଥିଲା । ତେବେ ସ୍ଥାନୀୟ ଲୋକେ ଫୋନ ଯୋଗେ ଭୁବନେଶ୍ୱର ଟ୍ରାଫିକ ପୋଲିସ କଂଟ୍ରୋଲ କୁ ଖବର ଦେଇଥିଲେ । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ଭେନ ପୋଲିସ ଅଧିକାରୀ ଏସ ପି ଓ ପ୍ରତାପ ଚନ୍ଦ୍ର କର ଏବଂ ତାଙ୍କର ଟିମ ପହଞ୍ଚିଥିଲେ । ଚାଳକକୁ ଗାଡିରୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିବା ବେଳେ ରାସ୍ତା ଉପରେ ଉକ୍ତ ଟ୍ରକ ଟି ଥିବାରୁ ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ଅମର୍ଦାରୋଡ ଫାଣ୍ଡି ପୋଲିସ କୁ ଖବର ଦେଇଥିଲେ। ତେବେ ଘଟଣା ସ୍ଥଳରେ ଅମର୍ଦାରୋଡ ଫାଣ୍ଡି ପୋଲିସ ପହଂଚି ଉକ୍ତ ଟ୍ରକ କୁ ନିଜ ହେପାଜତ ନେବା ସହିତ ତଦନ୍ତ ଜାରୀ ରଖିଛି ବୋଲି ଜଣା ପଡିଛି ।

## ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି।

## ଜଳେଶ୍ୱରକୁ ସବ୍‌ଡିଭିଜନ୍ ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜଳେଶ୍ୱର, ୧୪/୦୨ (ନି.ପ୍ର): ଜଳେଶ୍ୱରକୁ ସବ୍‌ଡିଭିଜନ୍ ଘୋଷଣା ଲାଗି ଦୀର୍ଘ ୪୪ବର୍ଷ ଧରି ବିଭିନ୍ନ ଫୋରମ୍‌ରୁ ଦାବି, ଆନ୍ଦୋଳନ ହୋଇ ଆସୁଥିବା ବେଳେ ଏବେ ଛାତ୍ର-ଯୁବ ସଂଗଠନ ଏହାର ମଂଗ ଧରିଛନ୍ତି । ଗତ କିଛିଦିନ ଧରି ଉତ୍ତର ବାଲେଶ୍ୱରରେ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ଆଜି ପ୍ରାୟ ୧୩ହଜାର ଲୋକଙ୍କ ଦସ୍ତକ୍ଷତ ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାରଙ୍କୁ ହସ୍ତାନ୍ତର କରାଯାଇଛି । ଏହା ପୂର୍ବରୁ ଶହ ଶହ ଯୁବ-ଛାତ୍ର ସଂଗଠନ ଏକ ବାଇକ୍ ର୍‍ୟାଲିରେ ଆସି ତହସିଲ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରିଥିଲେ । ସମଗ୍ର ଉତ୍ତର ବାଲେଶ୍ୱର ପଶ୍ଚିମବଂଗର ଉପାନ୍ତ, ସୁବର୍ଣ୍ଣରେଖା ନଦୀର ବନ୍ୟା ପ୍ରପିଡିତ, ଜିଲା ଓ ସଦର ମହାକୁମା ଠାରୁ ୫୦କି.ମି ଦୂର ଏବଂ ସବ୍‌ଡିଭିଜନ୍‌ସ୍ତରୀୟ ସବୁ ବିଭାଗର କାର୍ଯ୍ୟାଳୟ ଜଳେଶ୍ୱରରେ ଥିବା ବେଳେ କେତେକ ଜିଲାସ୍ତରୀୟ କାର୍ଯ୍ୟାଳୟ ଏଠାରେ କାର୍ଯ୍ୟ କରି ଆସୁଛି । ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇର ମଧ୍ୟସ୍ଥଳି ହୋଇଥିବା ଏବଂ ଜଳେଶ୍ୱରର ମୁଖ୍ୟ କାର୍ଯ୍ୟାଳୟରୁ କେତେକ ବିଭାଗରେ ଉପରୋକ୍ତ ୪ଟି ବ୍ଲକ ଜଳେଶ୍ୱର ଅଧିନରେ ଥିବାରୁ ସବ୍ ଡିଭିଜନ୍ ଘୋଣଷା ଲାଗି ଦାବି ଜୋର ଧରିଛି । ୧୯୭୮ ମସିହାରେ ବିଧାସସଭା ମଧ୍ୟ ତତ୍‌କଳୀନ ବିଧାୟକ ଗଦାଧର ଗିରି ଓ ସୁଶାନ୍ତ ଚାନ୍ଦ ଏବଂ ବିଧାନ ସଭା ବାହାରେ ପ୍ରଫୁଲ୍ଲ ଦାସଙ୍କ ଦ୍ୱାରା ସବ୍‌ଡିଭିଜନ୍ ଦାବି କରାଯାଇଥିଲା । ସେବେଠାରୁ ଜଳେଶ୍ୱରକୁ ସବ୍‌ଡିଜିନ୍ ଲାଗି ବିଭିନ୍ନ ସମୟରେ ଦାବି ଓ ଆନ୍ଦୋଳନ ହୋଇ ଆସୁଛି । ଜଳେଶ୍ୱର ପୌରପାଳର ୧୭ଟି ୱାର୍ଡ, ଜଳେଶ୍ୱର ବ୍ଲକର ୩୫ଟି ପଂଚାୟତ, ଭୋଗରାଇର ୫୦ଟି ପଂଚାୟତ, ବସ୍ତାର ୨୭ଟି ପଂଚାୟତ ଏବଂ ବାଲିଆପାଳର ୨୫ଟି ପଂଚାୟତ ଥିବା ବେଳେ ଏହାକୁ ନେଇ ଜଳେଶ୍ୱର ସଦର ମହାକୁମା (ସବ୍‌ଡିଭିଜନ୍) ଘୋଷଣା ଲାଗି ଛାତ୍ର, ଯୁବ ପକ୍ଷରୁ କାଳିଚରଣ ଦାସ, ରାସବିହାରୀ ରଣା, ଚନ୍ଦନ କର ଓ ସତ୍ୟଶୋଭନ ମିଶ୍ରଙ୍କ ନେତୃତ୍ୱରେ ଦସ୍ତକ୍ଷତ ଅଭିଯାନ, ସଚେତନତା ଶିବିର ୪ଟି ବ୍ଲକ ଅଂଚଳରେ ୩ମାସ ଧରି ଅନୁଷ୍ଠିତ ହୋଇ ଆସୁଥିଲା । ସିଦ୍ଧାନ୍ତ ଅନୁଯାୟୀ ଆଜି ଏକ ବାଇକ୍ ର୍‍ୟାଲିରେ ଶହ ଶହ ଯୁବ-ଛାତ୍ର ବଡବଜାର ଠାରୁ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପରୋକ୍ତ ୪ ଯୁବନେତାଙ୍କ ସହିତ ଭୋଗରାଇର ଅଂଶୁମାନ ରାଉତ, ଗୁରୁପଦ ସାହୁ ବକ୍ତବ୍ୟ ରଖି ଜଳେଶ୍ୱରକୁ ସବ୍‌ଡିଭଜନ୍ ଘୋଷଣା କରିବାର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅତିଶୀଘ୍ର ସବ୍‌ଡିଭିଜନ୍ ଘୋଷଣା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବା ସହ ଆସନ୍ତା ୧ ମାସ ମଧ୍ୟରେ ସବ୍ ଡିଭିଜନ୍ ଘୋଷଣା ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ସହିତ ସଚିବାଳୟ ଆଗରେ ଧାରଣା ଦେବେ ବୋଲି ବକ୍ତବ୍ୟରେ ସେମାନେ କହିଛନ୍ତି । ଏଥିରେ ବିଜେଡିର ପୂର୍ବତନ ବ୍ଲକ ସଭାପତି ସୁଧିର ପାତ୍ର, ଭୂପତି ମିର୍ଦ୍ଧା ଥିବା ବେଳେ ସମିତି ସଦସ୍ୟ ଭାବେ ମୁକୁନ୍ଦ ଜେନା, ଲକ୍ଷ୍ମିଧର ବେହେରା, ଗଣେଶ ସରେନ୍ ଜିତେନ୍ଦ୍ର ଦାସ, ତ୍ରିଲୋଚନ ଦାସ, ନାଥୁରାମ ହେମ୍ବ୍ରମ, ଜୟଦେବ ବିଶ୍ୱାଳ, ଶ୍ରୀକଣ୍ଠ ମହାନ୍ତି, ରାଜେଶ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ । ଶେଷରେ ତହସିଲଦାର ମିହିର ରଂଜନ ବେହେରା, ଆଇଆଇସି ରୋଜାଲିନ ବେହେରା ଯୁବ-ଛାତ୍ରଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ ।

## କ୍ୟାବିନେଟରେ ୧୪୦୦ କୋଟି ମଂଜୁର

ଖୋର୍ଦ୍ଧା, ୧୪/୦୨ (ନି.ପ୍ର): ଉପକୂଳବର୍ତ୍ତୀ ଓ ୯ଜିଲାରେ ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ରାଜ୍ୟ କ୍ୟାବିନେଟରେ ଅଧିକ ୧୪୦୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଖୋର୍ଦ୍ଧା ବିଜୁ ଜନତା ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଜି ଖୋର୍ଦ୍ଧା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜୁ ଜନତା ଦଳ ଜିଲା ସଭାପତି ତଥା ପ୍ରାକ୍ତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡିଶାର ଉପକୂଳବର୍ତ୍ତୀ ୯ଟି ଜିଲ୍ଲାର ୧୭ଟି ଅବବାହିକା ଓ ୩ଟି ଅଣ ଅବବାହିକା ଅଂଚଳର ଚାଷ ଜମି ଜଳବନ୍ଦୀ ମୁକ୍ତ କରିବା ସହିତ ଜଳ ନିଷ୍କାସନ ପକ୍ରିୟା ତ୍ୱରାନ୍ୱିତ କରି ଜଳ ନିଷ୍କାସନ ସମସ୍ୟାର ନିରାକରଣ ଲାଗି ୨୦୧୪-୧୫ ରୁ ୨୦୧୮-୧୯ ଏହି ୫ ବର୍ଷ ପାଇଁ ଡ୍ରେନେଜ୍ ଉନ୍ନତି କାର୍ଯକ୍ରମ କାର୍ଯକାରୀ କରାଯାଇଥିଲା । ଏହି ଯୋଜନାରେ ୫୦୦ କୋଟି ଟଙ୍କା ଏହି ୫ ବର୍ଷ ମଧ୍ୟରେ ବ୍ୟୟ କରାଯାଇ ଡ୍ରେନେଜ୍ ଉନ୍ନତି କାର୍ଯକ୍ରମ ୨୦୧୯ -୨୦ ରୁ ୨୦୨୨-୨୩ ପର୍ଯ୍ୟନ୍ତ କରାଯିବା ପାଇଁ ଅନୁମୋଦନ କରାଯାଇ ଥିବାବେଳେ ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ତଥା ଡ୍ରେନ ଗୁଡିକରେ ଅଧିକ ଫାର୍ମ ଲ୍ୟାଣ୍ଡ ବ୍ରିଜ ଗଠନ କରାଯିବା ଯୋଗୁଁ ଏହି ପ୍ରକଳ୍ପର ମୂଲ୍ୟ ବୃଦ୍ଧି କରାଯାଇ ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ସୁଦ୍ଧା ୫୦୦କୋଟି ପରିବର୍ତ୍ତେ ୮୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ୪୨୮୨ କିଲୋମିଟର ଦୈର୍ଘ୍ୟର ଡ୍ରେନେଜ୍ ଚ୍ୟାନେଲର ଖନନ, ଉନ୍ନତି ତଥା ନବୀକରଣ କରାଯାଇ ୮୩୭୯୬ ହେକ୍ଟର ଚାଷ ଜମିକୁ ଜଳବନ୍ଦୀ ମୁକ୍ତ କରାଯିବ । ଆସନ୍ତା ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଡ୍ରେନେଜ୍ ଉନ୍ନତି କାର୍ଯକ୍ରମ ରେ ଆଉ ୧୪୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ୬୯୬୯ କିଲୋମିଟର ଦୈର୍ଘ୍ୟର ଡ୍ରେନେଜ୍ ଚ୍ୟାନେଲର ଖନନ ଉନ୍ନତି ତଥା ନବୀକରଣ କରାଯାଇ ୧୦୫୮୬୮ ହେକ୍ଟର ଚାଷ ଜମିକୁ ଜଳବନ୍ଦୀ ମୁକ୍ତ କରାଯିବ । ତନ୍ମଧ୍ୟରେ ଖୋର୍ଦ୍ଧା ନୟାଗଡ ଡ୍ରେନେଜ ବିଭାଗକୁ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ୫୩୮କିମି ଡ୍ରେନେଜ କାମ ସହିତ ୮୩୦୦ ହେକ୍ଟର ଜମି ଜଳବନ୍ଦୀ ମୁକ୍ତ କରାଯିବ ବୋଲି କହିଥିଲେ ।

## ନୂଆସାହିରେ ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଉଦଳା, ୧୪/୦୨ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟ ପରିସରରେ ଆଜି ଫେବୃଆରୀ ୧୪ ତାରିଖ ମଙ୍ଗଳବାର ଦିନ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ଯୁବ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରା ରେଡ଼କ୍ରସ ପତାକା ଉତୋଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ରେଡ଼କ୍ରସର ଜନ୍ମ ଇତିହାସ ଓ ସେବା ପାଇଁ ଆଜି ସମଗ୍ର ପୃଥିବୀରେ ସମସ୍ତଙ୍କର ଏହା କିପରି ପ୍ରିୟ ଭାଜନ ହୋଇ ପାରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଯୁବ ରେଡ଼କ୍ରସର କନଭେନର ସେକ୍ରେଟେରୀ ଅଧ୍ୟାପିକା ଡ଼କ୍ଟର ରାଇମଣି ମାରଣ୍ଡି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରେଡ଼କ୍ରସ ସମଗ୍ର ପୃଥିବୀକୁ କିପରି ଗୋଟିଏ ପରିବାର କରି ଦେଇଛି ବକ୍ତବ୍ୟ ମାଧ୍ୟମରେ ବର୍ଣ୍ଣନା କରିଥିଲେ । କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ନୂଆସାହିର ଅଧ୍ୟକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ରେଡ଼କ୍ରସ ସଚେତନତାର ବାର୍ତ୍ତା ବାଟିଂବା ଯୋଗୁଁ ଭୟଙ୍କର ମହାମାରୀ ମଧ ମନୁଷ୍ୟ ସମାଜର ବିଶେଷ କ୍ଷତି କରିପାରି ନାହିଁ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ମାକୁ ସିଂ, ଯୁବରେଡ଼କ୍ରସର ଜିଲ୍ଲା ସଂଯୋଜକ ଡ଼କ୍ଟର ଦିଲ୍ଲିପ କୁମାର ଭୋଇ ଯୋଗ ଦେଇ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର କପ୍ତିପଦା ଅଂଚଳକୁ ଆଣିବା ପାଇଁ ଯେଉଁ ମାନେ ଉଦ୍ୟମ କରିଥିଲେ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଅଧ୍ୟାପିକା ଡ଼କ୍ଟର ମମତା ମହାନ୍ତି ଏହି ଶିବିର ୩ ଦିନ ଧରି ଚାଲିବା ସହିତ ଆସନ୍ତା ୧୬ ତାରିଖରେ ଏହା ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିବା ସହ ଉଦ୍‌ଘାଟନ ଉତ୍ସବର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୁବ ରେଡ଼କ୍ରସ କାଉନ୍‌ସିଲର ଅଧ୍ୟାପକ ଚନ୍ଦ୍ର ମୋହନ ପରିଡ଼ା ପ୍ରଶିକ୍ଷଣ ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ରେଡ଼କ୍ରସର ଇତିହାସ, ପ୍ରାଥମିକ ଚିକିତ୍ସା, ଏଚ୍.ଆଇ.ଭି. ସଚେତନତା, ରକ୍ତଦାନର ଆବଶ୍ୟକତା, ସଡ଼କ ସୁରକ୍ଷା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରିବା ସହ ଉଦ୍‌ଘାଟନ ଉତ୍ସବର ଶେଷ ସ୍ୱର୍ଶ ଦେଇଥିଲେ ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No 926 Dated 08.02.2023
Identirication No.-S.E.M.I.D.Mbj No.-16/MID, MBJ/2022-23
E-mail id- mi.mayurbhanj@yahoo.co.in

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | |
|---|---|
| 1. Name of works | Civil Construction works as mentioned in the web site |
| 2. Total No. of works | 2 nos |
| 3. Estimated Cost | 35.26 to 37.76 Lakh (Detail list of work Annexed) |
| 4. Class of Contractor | As Mentioned against Work. |
| 5. Period of Completion | As Mentioned against Work. |
| 6. Date & time of Availability of Bid Documentin the Portal | 14.02.2023 at 10.00 AM to 23.02.2023 up to 5.00 P.M. |
| 7. Last date/ Time for receipt of Bids in the Portal | 23.02.2023 up to 5.00 P.M. |
| 8. Date/Time of Opening of Bid | 24.02.2023 at 11.00 A.M. |
| 9. Name and Address of the officer inviting the Bid | Superintending Engineer, M.I. Division, Mayurbhanj |
| 10. Mode of Payment of Bid Cost | Online |

Further details can be seen from the 'e' Procurement Portal "https://tendersorissa.gov.in"

**Superintending Engineer**
**M.I. Division, Mayurbhanj**

OIPR : 32041/11/0015/2223

ଧ୍ୱନି ପ୍ରତିଧ୍ୱନି

# ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ପାଇଁ ୨୨୦୦ କୋଟି ଦେଲେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୧୪/୦୨ (ନି.ପ୍ର): ଓଡ଼ିଶାର ଉପକୂଳବର୍ତ୍ତି ୯ଟି ଜିଲାର ୧୭ଟି ଅବବାହିକା ଓ ୩ଟି ଅଣ ଅବବାହିକା ଅଞ୍ଚଳର ଚାଷ ଜମି ଜଳବନ୍ଦୀ ମୁକ୍ତ କରିବା ଏବଂ ଜଳ ନିଷ୍କାସନ ପ୍ରକ୍ରିୟା ତ୍ୱରାନ୍ୱିତ ମୁଖ୍ୟମନ୍ତ୍ରୀ ୨୨୦୦ କୋଟି ଟଙ୍କା ମଞ୍ଜୁର କରିଥିବାରୁ ବାଲେଶ୍ୱର ଜିଲା ବିଜେଡି ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପ-ସଭାପତି ବରଦାପ୍ରସନ୍ନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଉପସଭାପତି ଅନସୂୟା ପ୍ରଧାନ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ବିବିସିସିବି)ର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ପୌରାଧ୍ୟକ୍ଷା ସବିତା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଜେଡି ନେତା ଗୌରୀକୁମାର ରାଉତ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ସୂର୍ଯ୍ୟକାନ୍ତ କର, ଭୂବନାନନ୍ଦ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ଜଳ ନିଷ୍କାସନ ଓ କୃଷି କ୍ଷେତ୍ରରେ ଜଳସେଚନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ଚାଷୀକୂଳ ପାଇଁ ବେଶ ଉପାଦେୟ ହେବ ବୋଲି ମତ ପ୍ରକାଶ କରିଥିଲେ । ବିଜେଡି କର୍ମକର୍ତ୍ତାଙ୍କ ସୂଚନା ଅନୁସାରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୨୦୧୪ରୁ ୧୫, ୨୦୧୮ରୁ ୧୯, ୫ ବର୍ଷ ପାଇଁ 'ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା । ଯୋଜନାରେ ୫୦୦ କୋଟି ଯଙ୍କା ୫ ବର୍ଷ ଭିତରେ ଖର୍ଚ୍ଚ କରାଯାଇ ୨୦୧୯ରୁ ୨୦ ଓ ୨୦୨୨ରୁ ୨୩ ପର୍ଯ୍ୟନ୍ତ କରାଯିବା ପାଇଁ ଅନୁମୋଦନ କରାଯାଇଥିବା ବେଳେ ଆବଶ୍ୟକତା ଦୃଷ୍ଟିରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପର ମୂଲ୍ୟ ବୃଦ୍ଧି କରାଯାଇଛି । ୫୦୦ କୋଟି ପରିବର୍ତ୍ତେ ୮୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ୪୨୮୨ କିଲୋମିଟର ଦୈର୍ଘ୍ୟର ଡ୍ରେନେଜ ଚ୍ୟାନେଲର ଖନନ, ଉନ୍ନତି ତଥା ନବୀକରଣ କରାଇ ୮୩୭୯୬ ହେକ୍ଟର ଚାଷଜମିକୁ ଜଳବନ୍ଦୀ ମୁକ୍ତ କରାଯିବ । ଆସନ୍ତା ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷ ପାଇଁ 'ଡ୍ରେନେଜ ଉନ୍ନତି କାର୍ଯ୍ୟକ୍ରମରେ' ଆଉ ୧୪୦୦ କୋଟି ଟଙ୍କା ବ୍ୟୟ କରାଯିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ।

# ଜିଲ୍ଲାସ୍ତରୀୟ 'ହ୍ୟାକାଥନ' ୨୦୨୩ ଅନୁଷ୍ଠିତ




ବାରିପଦା, ୧୪/୦୨ (ନି.ପ୍ର): ଜିଲ୍ଲାଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜିଲ୍ଲାସ୍ତରୀୟ "ହ୍ୟାକାଥନ" ୨୦୨୩ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଉ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ପରଦଶକ ଜ୍ଞାନରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ, ପ୍ରଫେସର ଡ.ଏମ୍. ହିମାବିନ୍ଦୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ଡ. ପ୍ରଶାନ୍ତ କୁମାର ମହାନ୍ତି, ପ୍ରଫେସର ସରୋଜ ମିଶ୍ର, ଡ. ରମେଶ କୁମାର ପରୁଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏଭଳି ଅଭିନବ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ବୈଜ୍ଞାନିକ ଚିନ୍ତାଧାରା କୁ ନିଶ୍ଚିତ ଭାବେରେ ପରିବ୍ୟାପ୍ତ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟ, ଟିଟିଆର ଅଧ୍ୟକ୍ଷା ନିପ୍‌ସା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଡ. ପିଆର ଦେବତା, ସୌମ୍ୟରଞ୍ଜନ ମିଶ୍ର, ଡ. ସରୋଜ ନାୟକ, ଅତୁଲ କୁମାର ପରିଡା ବିରକ ଭାବେ ଯୋଗ ଦେଇଥିଲେ । ଓଏଭି, ଜୁଆଳିଆ, ଉଦଳା ବ୍ଲକର ପ୍ରକୃତି ନନ୍ଦ, ଓଏଭି ରାଣୀଭୋଳ, ବାରିପଦାର ଅନୀତା ମହାନ୍ତ, ଓଏଭି ଗରୁଡବସା, ବେତନଟୀର ଚିନ୍ମୟ କୁମାର ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ପନ୍ଦର, ଦଶ ଓ ପାଞ୍ଚ ହଜାର ଅର୍ଥରାଶି ପୁରସ୍କାର ପାଇବା ସହ ଫେବୃୟାରୀ ୧୫ ଓ ୧୬ ତାରିଖେରେ ଭୁବନେଶ୍ୱର ଆଇଆଇଆଇଟିରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ "ହ୍ୟାକାଥନ"ରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଓଡିଆ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ ତୃତୀୟ, ସସ୍ମିତା ମହାନ୍ତ ଦ୍ୱିତୀୟ, ଅଜୟ କୁମାର ସିଂ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରୁତି ସାହୁ ତୃତୀୟ, ପ୍ରତୀକ୍ଷା ଦଳେଇ ଦ୍ୱିତୀୟ, ବି କୁମାରୀ ଆୟୁଷୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଓଡିଆ ବକ୍ତୃତାରେ ମଧୁସ୍ମିତା ସି ତୃତୀୟ, ଝୁନୁରାଣୀ ମହାନ୍ତ ଦ୍ୱିତୀୟ, ନବୀନ ସୋରେନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ବର୍ଷାରାଣୀ ବେହେରା ତୃତୀୟ, ଅର୍ପିତା ଦେହୁରୀ ଦ୍ୱିତୀୟ, ଚିନ୍ମୟ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କୁଇଜ ପ୍ରତିଯୋଗିତାରେ ଗୀତାଞ୍ଜଳି ଭୂୟାଁ ଓ ପାର୍ଥ ସାରଥୀ ଶେଜପଡା ତୃତୀୟ, ରଚିତା ମହାନ୍ତ ଦ୍ୱିତୀୟ, ଜ୍ଞାନରଞ୍ଜନ ହାଁସଦା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ଡ଼ଃ ପ୍ରଭରଞ୍ଜନ ରାୟସାମନ୍ତଙ୍କୁ ଏକ୍ସିଲେନ୍ସ ଇନ୍ ହେଲଥ ସର୍ଭିସ୍ ସମ୍ମାନ ପ୍ରଦାନ



ଭୁବନେଶ୍ୱର, ୧୪/୦୨ (ନି.ପ୍ର): ବିଶ୍ୱ ରେଡ଼ିଓ ଦିବସ ଉପଲକ୍ଷେ ଭଞ୍ଜକଳା ମଣ୍ଡପରେ ଆୟୋଜିତ ନବମ ଆନ୍ତର୍ଜାତିୟ ଆଉଟ୍ ରିଚ୍ ରେଡ଼ିଓ ମେଳାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗେଟ୍‌ଆଲାଇଭର ନିର୍ଦ୍ଦେଶକ ଡ଼ଃ ପ୍ରଭରଞ୍ଜନ ରାୟସାମନ୍ତଙ୍କୁ 'ଏକ୍ସିଲେନ୍ସ ଇନ୍ ହେଲଥ୍ ସର୍ଭିସ୍' ସମ୍ମାନରେ ସମ୍ମାନିତ କରାଯାଇଅଛି । ସୁବ୍ରତ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୃଖ୍ୟ ଅତିଥି ଭାବେ ମୋ କଲେଜ ଅଧକ୍ଷ ଆକାଶ ଦାସନାୟକ, ସମ୍ବାଦ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନାୟ ପଟ୍ଟନାୟକ, ପ୍ରଫେସର ମୃଣାଳ ଚାଟାର୍ଜୀ, କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ, ରେଡ଼ିଓ ପାଠକ ରବି ଶତପଥି ପ୍ରମୁଖଙ୍କ ସମ୍ମାନୀତ ଅତିଥିଙ୍କ ଉପସ୍ଥିତିରେ ଡ଼ଃ ପ୍ରଭରଞ୍ଜନ ରାୟସାମନ୍ତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏଥିପାଇଁ ଡ଼ଃ ପ୍ରଭରଞ୍ଜନ ରାୟସାମନ୍ତଙ୍କୁ ବିଭିନ୍ନ ସାମାଜିକ ପ୍ରତିଷ୍ଠାନ ସହ ଶୁଭେଚ୍ଛୁ ମାନେ ଶୁଭେଚ୍ଛା ସହିତ ଅଭିନନ୍ଦନ ଜଣାଇ ଅଛନ୍ତି ।

## ଖଇରାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ଖଇରା, ୧୪/୦୨ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ସତସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି । ସକାଳେ ବେଦମାଙ୍ଗଳିକ, ନହବତ, ଉଷାକିର୍ତ୍ତନ, ସମବେତ ଉଷା ବିନତୀ ଓ ଧର୍ମଗ୍ରନ୍ଥାଦି ପାଠ କରାଯାଇଥିଲା । ପୂର୍ବାହ୍ନରେ ଆୟୋଜିତ ସତସଙ୍ଗ ଓ ସଦାଲୋଚନାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ମୁଖ୍ୟଅତିଥି, ଅଧ୍ୟାପକ ହେଦାରନାଥ ମହାନ୍ତି ମୁଖ୍ୟବକ୍ତା ଇଂ ଉମାକାନ୍ତ ସାହୁ ସମ୍ମାନୀତ ଅତିଥି ଓ ନରହରି ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ଜିବନ ଶୈଳୀରେ ଠାକୁରଙ୍କ ବାଣୀର ଉପାଦେୟତା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଦେଓଘରରୁ ଆଗତ ଶ୍ରୀଧର ସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ । ଅପରାହ୍ନରେ ସଙ୍ଗୀତାଞ୍ଜଳୀ ଓ ମାତୃସମ୍ମିଳନୀ ଓ ଦିବସ ବ୍ୟାପି ଦୀକ୍ଷାକାର୍ଯ୍ୟକ୍ରମର ର ଆୟୋଜନ କରାଯାଇଥିଲା । ରବିନାରାୟଣ ମିଶ୍ର,ଅଭିଜିତ ପାଣିଗ୍ରାହୀ, ଚିନ୍ତାମଣି ସାହାଣି, ସୁଦାମ ଚରଣ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ଭିନ୍ନକ୍ଷମ ପିଲାଙ୍କ ମେଳରେ ଦେବାଶିଷଙ୍କ ତୃତୀୟ ସ୍ମୃତିସଭା

ବାଲେଶ୍ୱର,୧୪/୦୨ (ନି.ପ୍ର): ଦିବଂଗତ ଦେବାଶିଷ ସେଠୀଙ୍କ ତୃତୀୟ ବାର୍ଷିକ ସ୍ମୃତି କାର୍ଯ୍ୟକ୍ରମ ସ୍ଥାନୀୟ 'ପ୍ରୟାସ ବ୍ଲାଇଣ୍ଡ ସ୍କୁଲ'ରେ ପାଳିତ ହୋଇଯାଇଛି । ଦେବାଶିଷ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ସେଠୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ମୃତି କମିଟି ଅଧ୍ୟକ୍ଷା ତଥା ସ୍ୱର୍ଗତ ସେଠୀଙ୍କ ଧର୍ମପତ୍ନୀ ମିନତୀ ସେଠୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଗହଣରେ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକ ପାଳନ କରି ସେ ମାନସିକ ସ୍ତରରେ ବେଶ ଶାନ୍ତି ପାଉଛନ୍ତି ବୋଲି କହିଛନ୍ତି । ଏହି ଅବସର ପ୍ରୟାସ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ କମିଟିର ସଦସ୍ୟା ଲଳିତା ତାଲଦି, ନିଶାମଣି ପ୍ରଧାନ, ଜୟନ୍ତୀ ମହାନ୍ତି, ଝୁନୁରାଣୀ ବାରିକ ଓ ପ୍ରୟାସ ବିଦ୍ୟାଳୟର କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ନାଟ୍ୟକାର ସୁଶାନ୍ତ କୁମାର ଦାସଙ୍କ 'ନାଟକ ନାଟକ' ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର, ୧୪/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ନାଟ୍ୟକାର ସୁଶାନ୍ତ କୁମାର ଦାସଙ୍କର ନାଟକ ପୁସ୍ତକ 'ନାଟକ ନାଟକ' କବତୀର୍ଥ ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ଅତିଥି ଭାବରେ 'ସ୍ରଷ୍ଟା'ର ସଂପାଦକ ହେମେନ୍ଦ୍ର ମହାପାତ୍ର, 'କଳାକାର'ର ସଭାପତି ସୁରଞ୍ଜନ ଦାସମହାପାତ୍ର, 'ଚନ୍ଦ୍ରଭାଗା'ର ସମ୍ପାଦକ କବି ଶ୍ରୀଦେବ, ନାଟ୍ୟକାର ଡା. କୁମାର ଗୋପାଲ, 'ପ୍ରମେୟ'ର ସାମ୍ବାଦିକ ତଥା ଔପନ୍ୟାସିକ ଆଲୋକ କୁମାର ବାରିକ, ସୁଲେଖକ ସୁବାସଚନ୍ଦ୍ର ବେହେରା ଯୋଗଦେଇ ସାଂପ୍ରତିକ ସମୟରେ ନାଟ୍ୟକଳାର ଗତି ଓ ପ୍ରକୃତି, ଲୋକଜୀବନ ଉପରେ ନାଟକର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଯୁବ ନାଟ୍ୟକାର ସୁଶାନ୍ତ କୁମାର ଦାସଙ୍କ ନାଟ୍ୟପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ । କୋଷାଧ୍ୟକ୍ଷ ତପନ ରାୟ ପ୍ରାକ୍‌କଥା ରଖିଥିବାବେଳେ ଅଶ୍ୱିନୀ କୁମାର ସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବକାରୀ ଥାନା ଅଧିକାରୀ ଭଗବାନ ମହାନନ୍ଦିଆ ନିଲମ୍ବିତ



ବସ୍ତା, ୧୪/୦୨ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଅବକାରୀ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ଭଗବାନ ମହାନନ୍ଦିଆ ନିଜ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ ହୋଇଛନ୍ତି । ପୂର୍ବରୁ ଭଗବାନ ଏକ ଅଫିମ ଜବତ ଘଟଣାରେ ଅଭିଯୁକ୍ତ କୁ ହେରଫେର କରି ପୁଣି ଗିରଫ ଘଟଣାରେ ସ୍ଥାନୀୟ ଲୋକ ତାଙ୍କୁ ଅଟକ ରଖିଥିବା ସହିତ ମାଡ଼ ମାରିଥିଲେ । ଏହି ଘଟଣାରେ ଅବକାରୀ କମିଶନର ଆଶିଷ ସିଂହ ତଦନ୍ତ ଚଳାଇଥିଲେ । ପରେ ମଙ୍ଗଳବାର ଅବକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ପାଲଟାଙ୍କ ନିର୍ଦ୍ଦେଶ କ୍ରମେ କମିଶନର ଶ୍ରୀ ସିଂହ ଭଗବାନ ମହାନନ୍ଦିଆ ଙ୍କୁ ନିଜକାର୍ଯ୍ୟ ରୁ ବହିଷ୍କାର କରିଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ଯେ ଗତ ୯ ତାରିଖ ଦିନ ଜାତୀୟ ରାଜପଥ ଅମର୍ଦ୍ଦାରୋଡ ନିକଟରୁ ରାମକୃଷ୍ଣ ଜେନା ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲ । ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ସାଟାଲାଇଟ୍ ଅବକାରୀ ପୁଲିସ । ପରେ ଏହି ମାମଲା କୁ ଚାପି ଦେବା ପାଇଁ ବସ୍ତା ଅବକାରୀ ଅଧିକାରୀ ଶ୍ରୀ ମହାନନ୍ଦୀଆ ରାମକୃଷ୍ଣଙ୍କୁ ଛାଡ଼ି ବସ୍ତା ର ତାପଣ୍ଡା ଗ୍ରାମର ଅନ୍ୟ ଜଣକୁ ଗିରଫ କରିଥିଲା । ଏହି ଖବର ସହିତ ରାମକୃଷ୍ଣ ଜେନା ଓ ଅବକାରୀ ଅଧିକାରୀ ଜବତ ଅଫିମ ସହିତ ଏକ ଫଟୋ ବାହାରେ ଭାଇରାଲ ହେବାପରେ ପୁଣି ସନ୍ଧ୍ୟାରେ ବସ୍ତା ଓ ବାଲିଆପାଳ ଅବକାରୀ ଥାନା ଅଧିକାରୀ ରାମକୃଷ୍ଣ ଙ୍କୁ ଗିରଫ ପାଇଁ ଗୁଡଡିହା ଘରେ ଚଢ଼ାଉ କରିଥିବା ବେଳେ ଲୋକଙ୍କ ରୋଷର ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ବସ୍ତା ଓ ବାଲିଆପାଳ ଅବକାରୀ ଅଧିକାରୀଙ୍କୁ ଅଟକ ରଖିଥିବା ବେଳେ ମାଡ଼ ମାରିଥିଲେ । ଏହି ଘଟଣାରେ ଭଗବାନ ମହାନନ୍ଦିଆଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ଜଣାଯାଇଛି ।

## ଖଇରା ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକୋତ୍ସବ

ଖଇରା, ୧୪/୦୨ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଦୁର୍ଗାମଣ୍ଡପ ଠାରେ ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକୋତ୍ସବ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇ ଯାଇଛି । ଅଧିକାଂଶ ଅତିଥିଙ୍କ ଭାଷଣରେ ସୋରକୁ ସବଡିଭିଜନ ଓ ଖଇରାକୁ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ଘୋଷଣା ଦାବୀ ମୁଖ୍ୟାଂଶ ଭାବେ ସ୍ଥାନ ପାଇଥିବାର ଦେଖିବାକୁ ମିଳିଥିଲା । ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଡିଓ ପର୍ଶୁରାମ ପଣ୍ଡା,ତହସିଲଦାର ପ୍ରଶାନ୍ତ କୁମାର ମହାରଣା,ଖଇରା ମେଡିକାଲର ଭାରପ୍ରାପ୍ତ ଚିକିତ୍ସକ ଡା ପ୍ରଭାକର ମିଶ୍ର,ମଞ୍ଚର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ,ସୋର ନାଗରିକ ମଞ୍ଚର କର୍ମକର୍ତ୍ତା ନରହରି ନାୟକ, ନବ କିଶୋର ଦାସ, ନେତ୍ରାନନ୍ଦ ରାଉତ, ଜିଲା କାର୍ଯ୍ୟକାରୀ ସମ୍ପାଦକ ଦାମୋଦର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ କରିଥିଲେ । ସୋର ସବଡିଭିଜନ ପାଇଁ ଏବଂ ଖଇରା ବ୍ଲକ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭିତ୍ତିଭୂମି ସୁଦୃଢ ଥିବା ବେଳେ କେବଳ ସରକାରଙ୍କ ଘୋଷଣା ବାକି ବୋଲି ବକ୍ତାମାନେ ମଞ୍ଚର କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ । ସେହିଭଳି ଖଇରା ଠାରେ ଏକ ଟ୍ରେଜେରୀ ପ୍ରତିଷ୍ଠା ଓ ଖଇରାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାକୁ ଖଇରା ମଞ୍ଚର କର୍ମକର୍ତ୍ତା ମାନେ ବକ୍ତବ୍ୟରେ ଜୋର ଦେଇଥିଲେ । ଉତ୍ସବରେ ୧୨ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଲିଙ୍ଗଗତ ବୈଷମ୍ୟ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ




ଉଦଳା, ୧୪/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ' ତରଫରୁ କପ୍ତିପଦା ବ୍ଲକର ବିଭିନ୍ନ ସ୍ଥାନରେ ଲିଙ୍ଗଗତ ବୈଶ୍ୟମ ଓ ତତ୍‌ଜନିତ ସାମାଜିକ ସମସ୍ୟା ସମ୍ପର୍କିତ ଗୋଷ୍ଠୀ ସ୍ତରୀୟ ବିଚାର ବିମର୍ଷ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଝିଅ-ପୁଅ, ପୁରୁଷ-ମହିଳାଙ୍କ ମଧ୍ୟରେ ସମାଜରେ କିପରି ଲିଙ୍ଗଗତ ବୈଶ୍ୟମ ସୃଷ୍ଟି ହେଉଛି, ଫଳରେ ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଓ ବ୍ୟବହାର ପ୍ରଦର୍ଶନରେ ବିଶେଷ କରି ମହିଳା ମାନେ କିପ୍ରକାର ସମସ୍ୟାର ସମ୍ମୁଖିନ ହେଉଛନ୍ତି ବିସ୍ତୃତ ଆଲୋଚନା କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ବୈଶ୍ୟମ ସହିତ ବାଲ୍ୟ ବିବାହ ମୁଖ୍ୟ ସାମାଜିକ ସମସ୍ୟା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମକୁ 'ସେଭ ଦି ଗାର୍ଲ, ସେଭ ଦି ୱାର୍ଲ୍ଡ'ର ସଂଯୋଜକ ରଶ୍ମି ରଂଜନ ବେହେରା ପରିଚାଳନା କରିଥିଲେ । ସମ୍ବଳ ବ୍ୟକ୍ତି ଭାବେ ବିଭିନ୍ନ ଦିବସରେ ମନୋରଂଜନ ମଲ୍ଲିକ, ପ୍ରଫୁଲ କୁମାର ପରିଡ଼ା, ଗଜେନ୍ଦ୍ର ନାଥ ବେହେରା ଓ ସନ୍ତୋଷ କୁମାର ମଳିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ



ବସ୍ତା, ୧୪/୦୨ (ନି.ପ୍ର): ସ୍ୱାଭିମାନର ସହ ବଞ୍ଚିବା ମଣିଷର ପ୍ରକୃତ ମାନବିକତାର ପରିଚୟ । ଏହା ଯୁବ ସମାଜକୁ ସଙ୍ଗଠିତ କରିବା ସହ ବିକାଶର ଧାରାକୁ ତ୍ୱରାନ୍ୱିତ କରାଏ ବୋଲି ରୂପସାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୨ୟ ଦିବସୀୟ ଭଲିବଲ ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ମତପ୍ରକାଶ ପାଇଛି । ବସ୍ତା ବ୍ଲକ ଅନ୍ତର୍ଗତ ବାଖରବାଦସ୍ଥିତ ଚିତ୍ରିପଦା ପଡ଼ିଆରେ ବାଖରବାଦ ୟୁଥ କ୍ଲବ ଆନୁଲକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱିଦିବସୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତାକୁ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷକ ଗୌରହରି ପ୍ରହରାଜ ଯୋଗଦେଇଥିଲେ । ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପୋଲିସ ଏଏସଆଇ ନିରଞ୍ଜନ ବେହେରା, ମୁଖ୍ୟବକ୍ତା ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ସମାଜସେବୀ ରବୀନ୍ଦ୍ର କୁମାର ଜୈନ ଓ ସୁମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ କ୍ରୀଡାକୁ ସାମାଜିକ ବିକାଶ ଧାରା ଓ ଯୁବ ସମାଜକୁ ଶୃଙ୍ଖଳିତ କରିବାର ଏକ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ଗଛ ମଣିଷ ରବୀନ୍ଦ୍ର କୁମାର ବେହରା, ସୁଶାନ୍ତ କୁମାର ବେହେରା, ମାନସ କୁମାର ମିଶ୍ର, ନିରଞ୍ଜନ ବେହେରା, ସୁଶାନ୍ତ ବେହେରା ଓ କୁନି ଧାବକ ଲକ୍ଷ୍ମୀଧର ସିଂ ପ୍ରମୁଖଙ୍କୁ ବାଖରାବାଦ ୟୁଥ କ୍ଲବ ତରଫରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜାମକୁଣ୍ଡା, ଭଦ୍ରକ, ଅସନଖାଲି, ବାଲେଶ୍ୱର ମାରାଥନ କ୍ଲବ, ଭିକାଗଡ଼ିଆ ଓ ମୁଣ୍ଡୁତୁଣିଆ ଭଲିବଲ ଟିମ ପ୍ରମୁଖ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗୀତାରେ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ବିଜୟୀ ହୋଇଥିବା ବେଳେ ଅସନଖାଲିର ଜୟଗୁରୁ କ୍ଲବ ରନର୍ସ ଅପ ହୋଇ କପ ଓ ଆର୍ଥିକ ପୁରସ୍କାର ଅତିଥି ମାନଙ୍କ ନିକଟରୁ ଗ୍ରହଣ କରିଥିଲେ । ଲିବ୍ରୋ ଭାବେ ସୁମନ, ବେଷ୍ଟ ଷ୍ଟ୍ରାଇକର ସିତୁଆ ଓ ସେଟର ଭାବେ ରାଜୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ସଭାପତି ସୁଶାନ୍ତ କୁମାର ବେହେରା ଓ ସମ୍ପାଦକ ସଞ୍ଜୀବ କୁମାର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସୁଶାନ୍ତ କୁମାର ବାରିକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାଖରବାଦ ୟୁଥ କ୍ଲବର ସମସ୍ତ ସଦସ୍ୟ ଓ ସଦସ୍ୟାମନେ ପରିଚାଳନା କରିଥିଲେ ।

## NOTICE

**Dated - 15.02.2023**

**PROCLAMATION REQUIRING THE APPEARANCE OF ACCUSED PERSON**

**See Section 82 Cr.PC**

Where as complaint has been made before me that accused Kishan Badi s/o sh. Benudhar Badi R/O Barahpal, ps: Rahutpada,ps: Rupsa ,distt.Baleshwar,Orissa has committed (or is suspected to has committed) the offence in case CC.No. 20/2017 dated 29.04.2017 and CC.No. 18/2019 dated 08.10.2019 U/S 3RP(UP)Act at Railway Protection Force Post Delhi Main which is punishable and a Warrant of arrest issued there upon has been returned unexecuted stating that the said accused Kishan Badi can not be found and whereas it has been shown to my satisfaction that the said accused Kishan Badi has absconded (or is concealing him self to avoid the service of the said Warrant) .

Proclamation is here by made that the said Kishan Badi is required to appear before this court to answer the said complaint on or before 09.03.2023 and 25.04.2023.

By Order
Shri CHATINDER SINGH
Metropolitan Magistrate
Tis Hazari Court, Delhi

## NOTICE

**Dated - 15.02.2023**

**अभियुक्त की हाजिरी की अपेक्षा करने वाली उद्घोषणा**

**धारा 82 Cr.PC देखिये**

मेरे समक्ष परिवाद किया गया है कि अभियुक्त किशन बाड़ी पुत्र श्री बेनुधर बाड़ी पता- बरहपाल राहुतपाड़ा ,थाना रुपसा ,जिला बालेश्वर, उड़ीसा हाल पता- अवारागर्द ,फुटपाथी,पहाड़गंज ,शीला सिनेमा हाल नई दिल्ली ने मु.अ.सं. 20/2017 दिनांक 29.04.17 और मु.अ.सं. 18/2019 दिनांक 08.10.19 को धारा 3RP(UP) Act के अन्तर्गत रेलवे सुरक्षा बल पोस्ट दिल्ली मेन के अधीन दंडनीय अपराध किया है (या संदेह है कि उसने किया है) और उस पर जारी किए गए गिरफ्तारी वारंट को यह लिख कर लौटा दिया गया है कि उक्त किशन बाड़ी यहा नहीं रहा है और मुझे समाधानप्रद रूप में दर्शित कर दिया है कि किशन बाड़ी हो गया है (या उक्त वारंट की तामिल से बचने के लिए अपने आपको छिपा रहा है)।

अत: इसके द्वारा उद्घोषणा की जाती है कि उक्त किशन बाड़ी से अपेक्षा कि जाती है कि वे इस न्यायालय के समक्ष (या मेरे समक्ष) उक्त परिवाद का उत्तर देने के लिए दिनांक 09.03.2023 और 25.04.2023 को या इससे पहले हाजिर हो।

आदेशानुसार
Chatinder Singh
महानगर मजिस्ट्रेट
तीस हजारी कोर्ट, दिल्ली

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo